ଭାରତକୁ ଜିତାଇଲେ ଶିବୁନା ନନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-240 ◆WEDNESDAY ◆25 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୪୦ ◆ବୁଧବାର ◆୨୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

METRO GROUP
Driven By More

THE ROYAL UPGRADE

FOR THOSE WHO DON'T JUST MOVE UP, THEY ASCEND.

THE OASIS
A part of Metro King's Court

4 & 4.5 BHK RESIDENCES

₹99 LAKH ONWARDS*

BIGGER UNIT. LESSER PRICE.

*T&C Apply

CELEBRATING 33 Years

- Where legacy meets modern majesty
- 50+ acre villa township
- Vaastu Compliant

YOUR ROYAL WORLD
A kingdom wrapped in green
70% landscaped greens
Sand Pit | Jogging Track | Sit-out Zones
Sculpture Garden | Swing Garden | Yoga Zone
Basketball Court | Half Basketball Court

YOUR ROYAL THRONE
A club that deserves its own crown
Club Costa spread across 50,000 sq. ft
Miniplex | Gymnasium | Karaoke Room | Swimming Pool
Jacuzzi | Spa & Salon | Indoor Kids' Play Area
Library | Banquet Hall | Cafèteria | Restaurant
Food Court | Conference Rooms

YOUR ROYAL LIFE
A treasury of experiences, every hour
50+ lifestyle privileges
Mini Indoor Stadium | Lawn Tennis Court
Mini Cricket Ground | Pickle Ball Court
Jogging & Cycling Track | Badminton Court | BBQ Zone

The Oasis by Metro Kings Court
RERA: RP/19/2026/01424 | Phase1_MP/19/2022/00770 | rera.odisha.gov.in
Developed by : CITY TRADE ARCADE PVT. LTD. | Site Address: The Oasis by Metro Kings Court, Sandhapur, Jatni, Khordha, Odisha - 752050

SOUTH BHUBANESWAR 97777 36222

Disclaimer: This is a proposed development, and all information contained in this advertisement is purely conceptual in nature. It is issued solely for general informational purposes and does not constitute an offer, invitation to offer, advertisement, marketing, or sale of any unit or property, nor does it create any contractual obligation on the part of the developer. The developer expressly disclaims any intent to solicit bookings or sales through this advertisement. All prospective transactions shall be subject to the terms and conditions of a duly executed agreement for sale, in accordance with applicable laws. It is hereby expressly clarified that the amenities and facilities referred to or depicted in any marketing, promotional, or informational material are common/shared amenities forming part of the larger Metro Kings Court Development and are not exclusive to this Project alone. The usage of such amenities and facilities shall be subject to payment of applicable usage, maintenance, or subscription charges, as may be determined by the Promoter/Management from time to time, and shall further be governed by the terms and conditions prescribed by the promoter/Management/Maintenance agency. This project is being developed and promoted by M/s City Trade Arcade Private Limited.

ଟ୍ରମ୍ପଙ୍କ ଆମେରିକାରେ ଚୀନ୍ ସାମ୍ରାଜ୍ୟ!

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛନ୍ତି। ଅଧିକ ଅର୍ଥ ଆଶାରେ ବିଶ୍ୱ ଉପରେ ଶୁଳ୍କ ପରେ ଶୁଳ୍କ ଲଗାଇ ଚାଲିଛନ୍ତି। ସୁପ୍ରିମକୋର୍ଟ ବେଆଇନ କହିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ମିତ୍ର ଦେଶକୁ ଶତ୍ରୁ କରି ଚାଲିଛନ୍ତି। ୟୁରୋପୀୟ ରାଷ୍ଟ୍ରଙ୍କ ସହ ଶତ୍ରୁତା ବଢ଼ାଇ ଦେଇଛନ୍ତି। ବନ୍ଧୁକୁ ବଇରୀ କରି ଟ୍ରମ୍ପ ଚାପ ପକାଇ ଚାଲିଛନ୍ତି। ଏପରି ସ୍ଥଳେ ଚୀନ୍ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛି। ଶୁଳ୍କ ଏବଂ ଇରାନ ଆଦି ପ୍ରସଙ୍ଗରେ ବ୍ୟସ୍ତ ଥିବା ଆମେରିକା ରାଷ୍ଟ୍ରପତିଙ୍କ ନାକ ତଳେ ବେଜିଂ ଖେଳ କରିଦେଇଛି। ଆମେରିକାରେ ଚୀନ୍ ସାମ୍ରାଜ୍ୟ ଗଢ଼ି ଦେଇଛି। ଚୀନ୍ ଆମେରିକାର ଯୁବ ଗୋଷ୍ଠୀଙ୍କୁ ଚାଇନିଜ କରିଦେଇଛି। ଏହା ଆମେରିକା ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଆମେରିକା ଭିତରେ ଏଭଳି ଏକ ସାମ୍ରାଜ୍ୟ ଗଢ଼ି ଦେଇଛି, ଯେଉଁଠି ଯୁବ ଗୋଷ୍ଠୀ ଚୀନ୍ ସମର୍ଥକ ପାଲଟି ଯାଇଛନ୍ତି। ଚୀନ୍ ଭାଷାରେ କଥା ହେଉଛନ୍ତି। ଚାଇନିଜ ଖାଦ୍ୟ ଖାଉଛନ୍ତି। କହିବାକୁ ଗଲେ ଆମେରିକାର ନୂଆ ପିଢି ଚୀନ୍ ସମର୍ଥକ ପାଲଟି ଯାଉଛନ୍ତି। ସାରା ବିଶ୍ୱ ଟ୍ରମ୍ପ ଚାପରେ ଚିନ୍ତିତ ଥିବାବେଳେ ଏପରି ଘଟିଛି।

ଶୁଳ୍କ, ଇରାନରେ ଟ୍ରମ୍ପ ବ୍ୟସ୍ତ

ଆମେରିକା ସାମାଜିକ ଗଣମାଧ୍ୟମରେ ଏବେ ନୂଆ ଟ୍ରେଣ୍ଡ ଚାଲିଛି। ଲୋକେ ପରସ୍ପର ସହ ଚୀନ୍ ଭାଷାରେ କଥା ହୋଇ ଆପଣଙ୍କୁ ଚୀନ୍ ଗସ୍ତରେ ଭେଟିଥିଲି ବୋଲି କହୁଛନ୍ତି। ଉଭୟେ ଚୀନ୍ ସଂସ୍କୃତି ସହ ଜଡ଼ିତ କାର୍ଯ୍ୟରେ ଲିପ୍ତ ଥିବା ଉଲ୍ଲେଖ କରୁଛନ୍ତି। ଏ ସବୁ 'ଚାଇନାମ୍ୟାକ୍ସିଂ' ପାଇଁ ହୋଇପାରିଛି। ଏହା ଏକ ନୂଆ ଜୀବନଶୈଳୀ ଧାରା ପାଲଟି ଯାଇଛି। ଲୋକେ ରୋମାଣ୍ଟିକ ଶୈଳୀରେ ନିଜକୁ ଚୀନ୍ ଧାରାରେ ଉପସ୍ଥାପନ କରୁଛନ୍ତି। ଚୀନ୍ ସଂସ୍କୃତିର ପ୍ରଶଂସା କରିବା ସହିତ ନିଜର ଦୈନିକ ଜୀବନଚର୍ଯ୍ୟା ମଧ୍ୟ ସେହିଭଳି କରି ସାରିଲେଣି। ରିପୋର୍ଟ ଅନୁଯାୟୀ, ଟିକ୍ ଟକ୍ ଏବଂ ଟ୍ୱିଟରେ ଯୁବ ଗୋଷ୍ଠୀ 'ଚାଇନାମ୍ୟାକ୍ସିଂ' ନାମରେ ପ୍ରସିଦ୍ଧି ଅର୍ଜନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ନିଜକୁ ଚୀନ୍ ନାଗରିକ ମଧ୍ୟ ଦାବି କରୁଛନ୍ତି। ଚାଇନାମ୍ୟାକ୍ସିଂର ଏହି ଧାରାରେ ଜେନେରେସନ ଜେଡ ତଥା ଜେନ୍ ଜେଡ୍ ଗୋଷ୍ଠୀ ସକାଳୁ ଗରମ ପାଣି ମଧ୍ୟ ପିଇବାରେ ଲାଗିଛନ୍ତି। ସେମାନେ ନିଜ ରୋଷେଇରେ 'ଡାଇ ଚି' କରୁଛନ୍ତି। ଚପ୍‌ଷ୍ଟିକ ଚଳାଇବାର କୌଶଳ ଶିଖୁଛନ୍ତି। ଚୀନ୍ ବୁଢାଙ୍କ ଭଳି ଦିଶିବାକୁ ଆଦିଦାସ ଟ୍ରାକ ସୁଟ୍ ପିନ୍ଧୁଛନ୍ତି। ଜୀବନର ଏକ ଅଜବ ପର୍ଯ୍ୟାୟରେ ଆପଣ ମୋତେ ଭେଟିଥିଲେ ବୋଲି ଲୋକଙ୍କୁ କହୁଛନ୍ତି।

ଏହି ଚାଇନାମ୍ୟାକ୍ସିଂ ମିମ୍ ପଛରେ ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟରୁ ଅନ୍ୟତମ ସେରି ଝୁ ଅଛନ୍ତି। ସେ ଜଣେ ଚୀନ୍-ଆମେରିକୀୟ କ୍ରିଏଟର। ସେ ନିଜ ଟିକ୍‌ଟକ୍ ଫଲୋଅର୍ସଙ୍କୁ କାଲି ଆପଣ ଚିନି ପାଲଟି ଯିବେ ବୋଲି କହୁଛନ୍ତି। ତାଙ୍କ ଫଲୋଅର୍ସମାନେ ଏପରି କରିବାରୁ ଏହା ଧାରା ପାଲଟି ଯାଇଛି। ଏହାକୁ ନେଇ ନ୍ୟୁୟର୍କ ପୋଷ୍ଟ ରିପୋର୍ଟରେ ଦାବି କରାଯାଇଛି ଯେ ଅନେକ ଯୁବ ଗୋଷ୍ଠୀ ଚୀନ୍‌କୁ ସ୍ୱର୍ଗ ଭାବେ ଦେଖୁଛନ୍ତି। ସେମାନେ ନିଜ ଦେଶକୁ ନେଇ ନିରାଶ ଅଛନ୍ତି। ଏହା ସଫ୍ଟ ପାୱାର ଭାବେ ଚୀନ୍‌ର ଉଦୟକୁ ଦର୍ଶାଉଛି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ, ଏକ ଦଶନ୍ଧି ତୁଳନାରେ ଏବେ ଆମେରିକୀୟଙ୍କ ଜୀବନରେ ଚୀନ୍ ସକ୍ରିୟ ହୋଇଯାଇଛି। ସେମାନେ ଆମେରିକାକୁ ପଛୁଆ ଭାବୁଛନ୍ତି। ଏହା ପଛରେ ସାମାଜିକ ଗଣମାଧ୍ୟମରେ ଚୀନ୍ ସପକ୍ଷରେ ହେଉଥିବା ପ୍ରଚାରପ୍ରସାର ରହିଛି। ବିଶ୍ୱର ଚାରିଆଡେ ଚୀନ୍ ସାମଗ୍ରୀ ଥିବା ଦାବି କରି ଯୁବପିଢିଙ୍କୁ ଆକୃଷ୍ଟ କରାଯାଉଛି। ଚୀନ୍‌ର ଭବ୍ୟତାର ଗୁଣଗାନ କରାଯାଉଛି। ଏହା ଏବେ ଆମେରିକା ପାଇଁ ମୁଣ୍ଡବିନ୍ଧା ପାଲଟି ଯାଇଛି।

ଟ୍ରମ୍ପ ଭୟଭୀତ; କେତେ ଦିନ ବଞ୍ଚିବି ଜଣାନାହିଁ

ୱାସିଂଟନ, ୨୪।୨ (ଏଜେନ୍ସି): ଅନ୍ୟ ଦେଶରେ ଆକ୍ରମଣ କରି ମୁଖିଆଙ୍କୁ ଉଠାଇ ଆଣୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭୟଭୀତ ହୋଇଯାଇଛନ୍ତି। ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପଙ୍କୁ ମୃତ୍ୟୁ ଭୟ ଘାରୁଛି। କେତେ ଦିନ ପର୍ଯ୍ୟନ୍ତ ଜୀବିତ ରହିବି ତାହା ଜାଣି ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏବେ ସେ ବହୁତ ଲୋକଙ୍କ ନିଶାଣରେ ଥିଲା ଉଲ୍ଲେଖ କରିଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିବା ସମୟରେ ଟ୍ରମ୍ପ ସୋମବାର ଏହା କହିଥିଲେ। ଟ୍ରମ୍ପଙ୍କ ଏହି ଟିପ୍ପଣୀକୁ ଦୁଇ ଦିନ ତଳେ ତାଙ୍କ ରିସୋର୍ଟରେ ହୋଇଥିବା ଅନୁପ୍ରବେଶ ସହ ଯୋଡ଼ି ଦେଖାଯାଉଛି।

ଅପମିଶ୍ରିତ କ୍ଷୀର ପିଇ ୪ ମୃତ

ହାଇଦରାବାଦ, ୨୪।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀ ଜିଲ୍ଲାର ରାଜାମହେନ୍ଦ୍ରବରମ ସହରରୁ ଏକ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ଅପମିଶ୍ରିତ କ୍ଷୀର ପିଇ ୪ ଜଣଙ୍କ ମୃତ୍ୟୁ ହୋଇଛି। ପୁଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ସମସ୍ତ ଶିକାର ହୋଇଥିବା ବ୍ୟକ୍ତି ରାଜମହେନ୍ଦ୍ରବରମର ଜଣେ ସ୍ଥାନୀୟ କ୍ଷୀର ବିକ୍ରେତାଙ୍କଠାରୁ କ୍ଷୀର ନେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅପମିଶ୍ରିତ କ୍ଷୀର ଯୋଗୁଁ ପୀଡ଼ିତଙ୍କ ପରିସ୍ରା ହୋଇ ନ ଥିଲା। ବୃକକରେ ସମସ୍ୟା ଦେଖା ଦେଇଥିଲା। ସମ୍ପୃକ୍ତ କ୍ଷୀର ବିକ୍ରେତାଙ୍କୁ ଗିରଫ କରାଯାଇଛି। ଖାଦ୍ୟ ସୁରକ୍ଷା ଟିମ୍ ପ୍ରଭାବିତ ପରିବାରଗୁଡିକରୁ କ୍ଷୀର ଏବଂ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ପୂର୍ବ ଗୋଦାବରୀ ଜିଲ୍ଲାପାଳ କୀର୍ତ୍ତି ଚେକୁରୀ କହିଛନ୍ତି ଯେ କର୍ତ୍ତୃପକ୍ଷ ଘରକୁ ଘର ବୁଲି ସର୍ଭେ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୭୩ଟି ନମୁନା ସଂଗ୍ରହ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ଥିତି ସମୀକ୍ଷା କରି ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ନିଆଁ ଲାଗି ୫ ଶିଶୁ ସମେତ ୬ ଜୀବନ୍ତ ଦଗ୍ଧ

ମିରଠ, ୨୪।୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଠର ପୋଷାକ ବ୍ୟବସାୟୀଙ୍କ ଘରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପରିବାର ୬ ସଦସ୍ୟ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ମୃତକଙ୍କ ମଧ୍ୟରେ ଯାଆଁଳା ଝିଅଙ୍କ ସମେତ ୫ ଶିଶୁ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ, ବ୍ୟବସାୟୀ ପିତା ସୋମବାର ସନ୍ଧ୍ୟାରେ ନମାଜ ପଢିବାକୁ ଯାଇଥିବା ବେଳେ ତିନି ମହଲା ବିଶିଷ୍ଟ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ଘରେ ମହିଳା ଓ ଶିଶୁଙ୍କ ସମେତ ୧୨ ଜଣ ଥିଲେ। ତଳ ମହଲାରେ ଲାଗିଥିବା ନିଆଁ ଏତେ ଶୀଘ୍ର ବ୍ୟାପିଯାଇଥିଲା ଯେ କାହାକୁ ବାହାରକୁ ସମୟ ମିଳି ନ ଥିଲା। ସମସ୍ତେ ଭିତରେ ଫସି ରହିଥିଲେ। ଏହା ଦେଖି ପଡୋଶୀ ପ୍ରଥମ ମହଲାରେ ଫସି ରହିଥିବା ୫ ଜଣଙ୍କୁ ଉଠା ମାଧ୍ୟମରେ ବାହାର କରିବାରେ ସଫଳ ହୋଇଥିଲେ। ମାତ୍ର ଦ୍ୱିତୀୟ ମହଲାରେ ବ୍ୟବସାୟୀଙ୍କ ପତ୍ନୀ ଏବଂ ୫ ଜଣ ଶିଶୁ ଫସି ରହିଥିଲେ। ନିଆଁ ଧୂଆଁ ଦେଖି ମହିଳା ଜଣକ ଭୟଭୀତ ହୋଇ ନିଜକୁ ଏକ ରୁମ୍ ଭିତରେ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ପୁଲିସ ଏବଂ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଦ୍ୱିତୀୟ ମହଲାକୁ ଯିବା ପାଇଁ କୌଣସି ରାସ୍ତା ନ ମିଳିବାରୁ ପଡ଼ୋଶୀଙ୍କ କାନ୍ଥ ଭଙ୍ଗାଯାଇଥିଲା। ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା।

ଆଣ୍ଡାମାନ ସମୁଦ୍ରରେ ଖସି ପଡ଼ିଲା ହେଲିକପ୍ଟର

ଶ୍ରୀବିଜୟପୁରମ, ୨୪।୨ (ଏଜେନ୍ସି): ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମଙ୍ଗଳବାର ସକାଳେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକ ପବନ ହଂସ ହେଲିକପ୍ଟର ସମୁଦ୍ର ଭିତରେ ଜରୁରୀ ଅବତରଣ କରିଛି। ଏହି ସମୟରେ ହେଲିକପ୍ଟରରେ ୩ ପୁରୁଷ ଏବଂ ୨ ମହିଳା ଯାତ୍ରୀଙ୍କ ସହ ୨ ପାଇଲଟ ଥିଲେ। ଏଥିରେ ସମସ୍ତେ ଆହତ ହୋଇଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ପବନ ହଂସ କମ୍ପାନୀର ଏହି ହେଲିକପ୍ଟରଟି ସକାଳ ୮:୩୦ ସମୟରେ ପୋର୍ଟ ବ୍ଲେୟାରରୁ ଆଣ୍ଡାମାନର ମାୟାବନ୍ଦର ଅଭିମୁଖେ ଉଡ଼ାଣ ଭରିଥିଲା। ମାୟାବନ୍ଦରରେ ପହଞ୍ଚିବା ପୂର୍ବରୁ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଏହାପରେ ରନୱେରୁ ମାତ୍ର ୩୦୦ ମିଟର ଦୂରରେ ସମୁଦ୍ର ମଧ୍ୟରେ ହେଲିକପ୍ଟରର କ୍ରାସ୍ ଲ୍ୟାଣ୍ଡିଂ କରାଯାଇଥିଲା। ହେଲିକପ୍ଟର ସେବା ପ୍ରଦାନକାରୀ ସଂସ୍ଥା ପବନ ହଂସର ପ୍ରବକ୍ତା କହିଛନ୍ତି ଯେ ଘଟଣା ପରେ ପୋର୍ଟ ବ୍ଲେୟାରରୁ ଏକ ଉଦ୍ଧାରକାରୀ ହେଲିକପ୍ଟର ପଠାଯାଇଥିଲା। ବର୍ତ୍ତମାନ ଏହି ମାମଲାର ତଦନ୍ତ କରାଯାଉଛି।

୬୪ ଦେଶଙ୍କ ସହ ମୈତ୍ରି ଗ୍ରୁପ ଗଢ଼ିଲେ ବାଚସ୍ପତି

ଅଖିଳେଶଙ୍କୁ ଜାପାନ ଦାୟିତ୍ୱ

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଲୋକସଭା ବାଚସ୍ପତି ଓମ ବିର୍ଲା ମଙ୍ଗଳବାର ୬୪ ଦେଶଙ୍କ ସହ ପାର୍ଲିଆମେଣ୍ଟ୍ରି ଫ୍ରେଣ୍ଡସିପ୍ ଗ୍ରୁପ (ପିଏଫଜି) ଗଠନ କରିଛନ୍ତି। ଅନ୍ୟ ଦେଶ ସହ ସଂସଦୀୟ କୂଟନୀତିକୁ ମଜବୁତ ଏବଂ ବିଶ୍ୱ ମଞ୍ଚରେ ଭାରତୀୟ ସଂସଦର ମିଳିତ ସ୍ୱରକୁ ଉପସ୍ଥାପନ କରିବା ଏହାର ଉଦ୍ଦେଶ୍ୟ। ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରନ ରିଜିଜୁ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଅପରେସନ ସିନ୍ଦୂର ପରେ ଅନ୍ୟ ଦେଶଙ୍କ ସହ ସମ୍ବାଦ ବୃଦ୍ଧି ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏଫଜି ଗଠନର ପ୍ରସ୍ତାବ ଦେଇଥିଲେ। ୬୪ ଗ୍ରୁପରେ ଲୋକସଭା ଏବଂ ରାଜ୍ୟସଭାର ମୋଟ ୭୦୪ ସାଂସଦ ଅଛନ୍ତି। ପ୍ରତି ଗ୍ରୁପରେ ଜଣେ ନେତା ଏବଂ ୧୦ ସଦସ୍ୟ ରହିଛନ୍ତି। ଏଥିରେ ବିଜେପିର ସର୍ବାଧିକ ୩୦, କଂଗ୍ରେସର ୧୦, ଏସପି, ଡିଏମକେ, ଟିଏମସିର ତିନି ଜଣ ଲେଖାଏଁ ସାଂସଦଙ୍କୁ ଗ୍ରୁପ ନେତା କରାଯାଇଛି। ବିଜେପି ପକ୍ଷରୁ ହେମା ମାଳିନୀ, ମନୋଜ ତିୱାରୀ, ନିଶିକାନ୍ତ ଦୁବେ, କଂଗ୍ରେସରୁ ଶଶୀ ଥରୁ, ଟିଏମସିରୁ ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ନେତା ଅଛନ୍ତି। ମାତ୍ର ପିଏଫଜି କେମିତି କାମ କରିବ ତାହାର ସୂଚନା ଦିଆଯାଇ ନାହିଁ। ଏସପି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଜାପାନ, ଥରୁରଙ୍କୁ ଫ୍ରାନ୍ସ, ଅଭିଷେକଙ୍କୁ ଆଲଜେରିଆ, ବିଜେଡିର ଡ.ସସ୍ମିତ ପାତ୍ରଙ୍କୁ ଜର୍ଜିଆ ଦାୟିତ୍ୱ ପ୍ରଦାନ କରାଯାଇଛି।

ଜଳୁଛି ମେକ୍ସିକୋ

୨୫ ସୈନିକଙ୍କ ସମେତ ୩୨ ମୃତ

ମେକ୍ସିକୋ ସିଟି, ୨୪।୨ (ଏଜେନ୍ସି): ମେକ୍ସିକୋର ସବୁଠାରୁ ବଡ଼ ଡ୍ରଗ୍ ମାଫିଆ ଏଲ ମେଞ୍ଚୋ ସେନା ନିପାତ କରିଛି। ମେଞ୍ଚୋର ପ୍ରେମିକା ପାଇଁ ଏହା ସମ୍ଭବ ହୋଇପାରି ଥିଲା। କ୍ରମାଗତ ଭାବେ ତା' ପ୍ରେମିକା

ପ୍ରେମିକା ପାଇଁ ଧରାପଡ଼ିଲା ଡ୍ରଗ୍ ଲର୍ଡ ଏଲ୍ ମେଞ୍ଚୋ

ଉପରେ ନଜର ରଖାଯାଇଥିଲା। ପ୍ରେମିକା ମାଧ୍ୟମରେ ହିଁ ମେଞ୍ଚୋର ଠିକଣା ଜଣାପଡ଼ିଥିଲା ବୋଲି ମେକ୍ସିକୋ ପ୍ରତିରକ୍ଷାମନ୍ତ୍ରୀ ରିକାର୍ଡୋ ଟ୍ରେଭିଲା କହିଛନ୍ତି। ସେନା ପ୍ରମୁଖ ରିକାର୍ଡୋ ଟ୍ରେଭିଲା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗୁପ୍ତଚର ସଂସ୍ଥାଗୁଡ଼ିକ ଏଲ୍ ମେଞ୍ଚୋର ପ୍ରେମିକା ସହ ଜଡ଼ିତ ଜଣେ ବିଶ୍ୱସ୍ତ ସହଯୋଗୀକୁ ଚିହ୍ନଟ କରାଯାଇଥିଲା। ତାଙ୍କର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଥିଲା। ଏହି ବ୍ୟକ୍ତି ହିଁ ମେଞ୍ଚୋର ପ୍ରେମିକାକୁ ଜାଲିସ୍କୋ ନିକଟସ୍ଥ ଏକ ଠିକଣାକୁ ନେଇ

ଯାଇଥିଲେ। ତାଙ୍କୁ ପିଛା କରି ସେନା ସେଠାରେ ପହଞ୍ଚି ଥିଲା। ପ୍ରେମିକା ସେଠାରୁ ବାହାରିବା ପରେ ମେଞ୍ଚୋ ଥିବା ନେଇ ସ୍ପଷ୍ଟ ହୋଇଥିଲା। । ପରେ ସେନା ସ୍ୱତନ୍ତ୍ର ଅଭିଯାନ ଚଳାଇ ଡ୍ରଗ ଲର୍ଡକୁ ନିପାତ କରିଥିଲା

ଅନ୍ୟପଟେ ମେଞ୍ଚୋର ସମର୍ଥକମାନେ ଦେଶରେ ହିଂସା କରିଛନ୍ତି। ଏହା ୨୦ ରାଜ୍ୟକୁ ବ୍ୟାପି ଯାଇଛି। ମେଞ୍ଚୋର ସମର୍ଥକମାନେ ଅନେକ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ପ୍ରାୟ ୨୦ରୁ ଅଧିକ ସରକାରୀ ବ୍ୟାଙ୍କ ଶାଖାକୁ ଜଳାଇ ଦିଆଯାଇଛି। ବିଭିନ୍ନ ସହରରେ ଚାଲିଥିବା ଏହି ସଂଘର୍ଷରେ ଅତିକମରେ ୩୨ ଜଣଙ୍କର ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୨୫ ଜଣ ସୈନିକ ସାମିଲ ଅଛନ୍ତି। ହିଂସା ଯୋଗୁଁ ଜାଲିସ୍କୋ ସହରରେ ଲକ୍‌ଡାଉନ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଚ ଚିନ୍ତାର ବିଷୟ ଏହି କି ଯେ ଏହି ସହରରେ ଫିଫା ବିଶ୍ୱକପ ୨୦୨୬ ଆୟୋଜନ ହେବାକୁ ଯାଉଛି। ତେଣୁ ହିଂସା ବନ୍ଦ ନ ହେଲେ ଆୟୋଜନ ଉପରେ ପ୍ରଭାବ ପଡ଼ିପାରେ।

ଗିରଫ ଭୟ: ହାଇକୋର୍ଟରେ ଶଙ୍କରାଚାର୍ଯ୍ୟ

ବାରାଣସୀ, ୨୪।୨ (ଏଜେନ୍ସି): ଶିଶୁ ଯୌନ ଉତ୍ପୀଡ଼ନ ମାମଲାରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଙ୍ଗଳବାର ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଆଗୁଆ ଜାମିନ ଆବେଦନ ଦାଏର କରିଛନ୍ତି। ପ୍ରୟାଗରାଜ ପୁଲିସ ଗିରଫ କରିବାର ଭୟ ଥିବାରୁ ଶଙ୍କରାଚାର୍ଯ୍ୟ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଗତ ୨୧ରେ ଏତଲା ଦାଏର ହେବା ପରେ ପ୍ରୟାଗରାଜ ପୁଲିସ ତଦନ୍ତକୁ ଜୋରଦାର କରିଛି। ସୋମବାର ପୁଲିସର ଏକ ଟିମ୍ ବାରାଣସୀରେ ପହଞ୍ଚିଥିଲା। ସ୍ଥାନୀୟ ପୁଲିସ ସହାୟତାରେ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ସହଯୋଗୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଥିଲା।ଆଜି ଶଙ୍କରାଚାର୍ଯ୍ୟଙ୍କୁ ପଚରାଉଚରା କରିବା ପାଇଁ ପୁଲିସ ତାଙ୍କ ଆଶ୍ରମରେ ପହଞ୍ଚିପାରେ। ଗିରଫ ମଧ୍ୟ କରାଯାଇପାରେ। ଏହି ଆଶଙ୍କାକୁ ଦୃଷ୍ଟିରେ ରଖି ଶଙ୍କରାଚାର୍ଯ୍ୟ ଓକିଲଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହା ମଧ୍ୟରେ ଶଙ୍କରାଚାର୍ଯ୍ୟ ମଙ୍ଗଳବାର ବାରାଣସୀରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଅତିରିକ୍ତ ପୁଲିସ କମିଶନର ଅଜୟ ପାଲ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର



- ଷଡ଼ଯନ୍ତ୍ର କରୁଛନ୍ତି ଆଇପିଏସ ଅଜୟ ପାଲ
- ସବୁ ବ୍ୟବସ୍ଥା ମୋ ବିରୋଧରେ

ରଚିଥିବା ଅଭିଯୋଗ କରିଛନ୍ତି। ମୋବାଇଲରେ ଅଜୟ ପାଲ ଶର୍ମା ଏବଂ ଆଶୁତୋଷ ମହାରାଜଙ୍କର ଏକ ଫଟୋ ମଧ୍ୟ ଦେଖାଇଥିଲେ। ଏଥିରେ ଅଜୟ ପାଲ ଶର୍ମା କେକ୍ କାଟୁଥିବା ବେଳେ ଆଶୁତୋଷ ମହାରାଜ ତାଙ୍କ ପାଖରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି।ଏବେ ଅଜୟଙ୍କ ଅଧୀନରେ ହିଁ ତଦନ୍ତ ଚାଲିଛି। ଅପରାଧିଙ୍କ ସହ ପୁଲିସର ଜଣେ ବଡ଼ ଅଧିକାରୀ ଜନ୍ମଦିନ ପାଳନ କରୁଛନ୍ତି। ମୋ ବିରୋଧରେ ସବୁକିଛି ଯୋଜନାବଦ୍ଧ ଭାବେ କରାଯାଇଛି। ସମ୍ପୂର୍ଣ୍ଣ ସିଷ୍ଟମକୁ ମୋ ବିରୋଧରେ ଲଗାଯାଇଛି।ଗୋରକ୍ଷା ଅଭିଯାନରୁ ପଛକୁ ହଟାଇବା ପାଇଁ ଏପରି କରାଯାଉଛି। କିନ୍ତୁ ଏଥିରୁ ପଛଘୁଞ୍ଚା ଦେବି ନାହିଁ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ଯୁଦ୍ଧ ସ୍ଥିତି ବେଳେ ହଟହଟା ଆମେରିକା

ତେଲ ଅଭିଭ, ୨୪।୨ (ଏଜେନ୍ସି): ଆମେରିକା ଏବଂ ଇରାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଇରାନରେ ଆକ୍ରମଣ ପାଇଁ ମଧ୍ୟପ୍ରାଚ୍ୟର ସମୁଦ୍ରରେ ଆମେରିକା ସେନା ଡେରା ଜମାଇଛି। ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରାଯାଇପାରେ ବୋଲି କୁହାଯାଉଛି। ଏପରି ସ୍ଥଳେ ଆମେରିକା ପାଇଖାନା ସଙ୍କଟର ସମ୍ମୁଖୀନ ହୋଇଛି। କୌଣସି ଯାହି ତାହିଆ ବୋଟ୍‌ରେ ନୁହେଁ, ଯୁଦ୍ଧ ପାଇଁ ମଧ୍ୟପ୍ରାଚ୍ୟରେ ଡେରା ଜମାଇଥିବା ଆମେରିକାର ପରମାଣୁ ଶକ୍ତିଚାଳିତ

- ପରମାଣୁ ଯୁଦ୍ଧଜାହାଜରେ ପାଇଖାନା ଅବ୍ୟବସ୍ଥା
- ୪୫ ମିନିଟ ପର୍ଯ୍ୟନ୍ତ ଧାଡ଼ିରେ ରହୁଛନ୍ତି ସୈନିକ

ବିମାନବାହୀ ଯୁଦ୍ଧ ଜାହାଜ ୟୁଏସଏସ ଜେରାଲ୍ଡ ଫୋର୍ଟରେ ଏହି ସଙ୍କଟ ସୃଷ୍ଟି ହୋଇଛି। ବିଶ୍ୱର ସବୁଠାରୁ ବଡ଼ ତ ଜାହାଜରେ ୫ ହଜାର

ରଣଜୀରେ ଶୁଭମ୍‌ଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-240 ◆WEDNESDAY ◆25 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୪୦ ◆ବୁଧବାର ◆୨୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ନବୀନ ଗର୍ଜନ

ସରକାରଙ୍କ ନିଦ ହଜାଇଦେବ ବିଜେଡି

ସରକାରଙ୍କ ସ୍ଲୋଗାନ 'ଜୟ କିସାନ', କାମରେ 'ଭାଗୋ କିସାନ'

■ ଭୁବନେଶ୍ୱର, ୨୪।୨ (ସମିସ): ଏ ସରକାର 'ଜୟ କିସାନ' ସ୍ଲୋଗାନ ଦେଉଛି, ମାତ୍ର ଦରକାରଙ୍କ କାମ 'ଭାଗୋ କିସାନ ପରି ହୋଇଛି। କୌଣସି ସରକାର କାହାଣୀରେ ଚାଲେନି, ଲୋକଙ୍କୁ କାମ ଦରକାର। ଲୋକ ସେବା ଚାହାଁନ୍ତି ନେତାଙ୍କ ପ୍ରବଚନ ନୁହେଁ। ଚାଷୀଙ୍କ ପାଇଁ ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ଏବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଅଭିଯୋଗ କଲେ ସରକାର ଚାଷୀଙ୍କୁ ମିଛୁଆ କହୁଛି। ମଙ୍ଗଳବାର ଭୁବନେଶ୍ୱରର ଲୋୟର ପିଏମଜି(ଗାନ୍ଧୀ ମାର୍ଗ)ରେ ଅନୁଷ୍ଠିତ ଚାଷୀ ସୁରକ୍ଷା ସମାବେଶରେ ରାଜ୍ୟ ବିଜେପି ସରକାରଙ୍କୁ ଏମିତି ଢଙ୍ଗରେ କଡ଼ା ସମାଲୋଚନା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହା ସହ ଚାଷୀଙ୍କ ସମସ୍ୟା ସମାଧାନ ତୁରନ୍ତ ନ କଲେ ବିଜେଡି ସରକାରଙ୍କ କୁମ୍ଭକର୍ଣ୍ଣ ନିଦ ହଜେଇଦେବ ବୋଲି ନବୀନ ଚେତାବନୀ ଦେଇଛନ୍ତି।

ସମାବେଶରେ ନବୀନ କହିଛନ୍ତି ଯେ ଖୁବଶୀଘ୍ର ଏ ସରକାର ଦୁଇ ବର୍ଷ ପୂରଣ କରିବ। ଏ ସରକାର ନା ଠିକ ନିଷ୍ପତ୍ତି ନେଇ ପାରୁଛନ୍ତି ନା କାର୍ଯ୍ୟକାରୀ କରି ପାରୁଛନ୍ତି। ନିର୍ବାଚନ ବେଳେ ରାଜ୍ୟ ସରକାର ବହୁତ ବଡ଼ ବଡ଼ କଥା କହୁଥିଲେ। ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ କିଛି ରାଜ୍ୟବାସୀଙ୍କୁ କିଛି ବି ମିଳିଲା ନାହିଁ। ବିଜେଡି ସରକାର

- ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, କେହି ବି ନିରାପଦ ନୁହନ୍ତି
- ସରକାର କାହାଣୀରେ ଚାଲେନି, ରାଜ୍ୟବାସୀଙ୍କୁ କାମ ଦରକାର
- ନିର୍ବାଚନ ବେଳେ ଲମ୍ବା ପ୍ରତିଶ୍ରୁତି, ରାଜ୍ୟବାସୀଙ୍କୁ କିଛି ମିଳିଲାନି
- ଲୋକମାନେ ସେବା ଚାହାନ୍ତି, କୌଣସି ନେତାଙ୍କ ପ୍ରବଚନ ନୁହେଁ

ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିଥିଲା। କାଳିଆ ଯୋଜନା କାର୍ଯ୍ୟକାରି କରିବା ସହ ଋଣ ସୁବିଧା ବି ଯୋଗାଇଥିଲା। କ୍ଷେତକୁ ଜଳସେଚନ ସୁବିଧା କରିଥିଲା।ମାତ୍ର ଏ ଡବଲ ଇଞ୍ଜିନ ସରକାର କଣ କରିଛି ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ସେଆହୁରି ମଧ୍ୟ କହିଛନ୍ତି ଯେ ଚାଷ ସମୟରେ ଚାଷୀଙ୍କୁ ସାର ମିଳିଲାନି। ଅମଳ ପରେ ଧାନ ବି ସରକାର କିଣୁନାହାନ୍ତି। କଟନୀ ଛଟନୀ ବଢ଼ି ଚାଲିଛି; ଚାଷୀ ଠିକ ସମୟରେ ପଇସା ପାଉନାହିଁ। ଚାଷୀଙ୍କ ସମସ୍ୟା ନେଇ ସରକାରଙ୍କୁ ମୁଁ ଚିଠି ଲେଖିଥିଲି। ନିର୍ବାଚନ ପ୍ରତିଶ୍ରୁତି ଆନ୍ତରିକତା ସହ ପାଳନ କରିବାକୁ ଅନୁରୋଧ କରିଥିଲି। କଟନୀ ଛଟନୀ ବନ୍ଦ ପାଇଁ ସ୍ୱତନ୍ତ୍ର ସ୍ୱାର୍ଡ ଗଠନ ସହ ମିଲର ଓ ସରକାରୀ ଅଧିକାରୀଙ୍କ ମଧ୍ୟୁଚନ୍ଦ୍ରିକା ଭାଙ୍ଗିବାକୁ ପ୍ରସ୍ତାବ ଦେଇଥିଲି। ଇନପୁଟ ▶ପୃଷ୍ଠା-୧୦

ବାଣିଜ୍ୟ ଚୁକ୍ତି ଟାଳିଛି ନୂଆଦିଲ୍ଲୀ

ଭାରତ ଉପରେ ଲାଗିପାରେ ଅଧିକ ଶୁଳ୍କ

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱବ୍ୟାପୀ ଲଗାଇଥିବା ଶୁଳ୍କକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିବା ପରେ ଟ୍ରମ୍ପ୍ ନୂଆ ରଣନୀତି ଆପଣେଇଛନ୍ତି। ଏହି ଅନୁଯାୟୀ ପୁନଶ୍ଚ ଅଧିକ ଶୁଳ୍କ ଲଗାଇବା ଉପରେ ସେ ଜୋର୍ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଯେଉଁ ଦେଶ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ବ୍ୟବହାର କରି ଆମେରିକା ସହିତ ଖେଳ ଖେଳିବାକୁ ଚେଷ୍ଟା କରିବ, ସେ ତାହା ଉପରେ ଅଧିକ ଟାରିଫ୍ ଲଗାଇବେ। ଯଦିଓ ସେ ଏଥିରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାମ ନେଇ ନାହାଁନ୍ତି, ତଥାପି ବିଶେଷଜ୍ଞମାନେ କହିଛନ୍ତି ଯେ ଟ୍ରମ୍ପ୍ ଭାରତକୁ ଟାର୍ଗେଟ କରିପାରନ୍ତି। ତାଙ୍କର ଉକ୍ତି ଏପରି ସମୟରେ ଆସିଛି ଯେତେବେଳେ ଭାରତ ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ଟାଳିଦେଇଛି। ଏମିତିକି ଭାରତୀୟ ପ୍ରତିନିଧିମଣ୍ଡଳ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ପାଇଁ ଆମେରିକା ଗସ୍ତକୁ ସ୍ଥଗିତ ରଖିଛି।

ଟ୍ରମ୍ପ୍ ବିଶ୍ୱର ବିଭିନ୍ନ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିଥିଲେ ଏବଂ ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି ଆଲୋଚନା ପାଇଁ ସେମାନଙ୍କୁ ବ୍ୟବହାର କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ଅସ୍ତ୍ର ତାଙ୍କ ହାତରୁ କାଢ଼ି ନିଆଯାଇଛି। ଟ୍ରମ୍ପ୍ ଭୟ କରୁଛନ୍ତି ଯେ ବିଭିନ୍ନ ଦେଶ ଏବେ ବାଣିଜ୍ୟ ଚୁକ୍ତି ଉପରେ ପୁନର୍ବିଚାର କରିପାରନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଲେଖିଛନ୍ତି, ସୁପ୍ରିମକୋର୍ଟଙ୍କ ଏହି ଅବାନ୍ତର ନିଷ୍ପତ୍ତି ପରେ ଆମେରିକା ସହ ଯେଉଁ ଦେଶ ଖେଳ ଖେଳିବାକୁ ଚେଷ୍ଟା କରିବ, ସେମାନଙ୍କୁ ବହୁତ ଅଧିକ ▶ପୃଷ୍ଠା-୧୦

ଟ୍ୱିଟ୍‌ରେ ଇସାରା ଦେଲେ ଟ୍ରମ୍ପ

ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ଆନ୍ଦୋଳନ ଚେତାବନୀ

ପ୍ରତିଶ୍ରୁତି 'ମଦମୁକ୍ତ ଓଡ଼ିଶା'; କାର୍ଯ୍ୟ 'ମଦଯୁକ୍ତ ଓଡ଼ିଶା'

■ ଭୁବନେଶ୍ୱର, ୨୪।୨ (ସମିସ): ଆଗାମୀ ଦିନରେ ରାଜ୍ୟରେ ଟେଟ୍ରା ପ୍ୟାକରେ ମଦ ଉପଲବ୍ଧ ସଂକ୍ରାନ୍ତ ସରକାରୀ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ନବୀନ ପଟ୍ଟନାୟକ। ଟେଟ୍ରା ପ୍ୟାକରେ ମଦ ବିକ୍ରି କରି ବିଜେପି ସରକାର 'ମଦମୁକ୍ତ ଓଡ଼ିଶା' ନା 'ମଦଯୁକ୍ତ ଓଡ଼ିଶା' ଗଠନ କରୁଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ନିର୍ବାଚନ ସମୟରେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ବିଜେପି ସରକାର କ୍ଷମତାକୁ ଆସିଥିଲା। ହେଲେ କ୍ଷମତାକୁ ଆସିବା ପରେ ମଦର ପ୍ରସାର ଓ ସହଜ ଉପଲବ୍ଧ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଅଧିକ ମଦ ଦୋକାନ ଖୋଲିବା, କାଚ ବୋତଲ ବଦଳରେ ଟେଟ୍ରା ପ୍ୟାକରେ ମଦ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ବିଜେପି ସରକାର ଓଡ଼ିଶାବାସୀଙ୍କୁ ହତାଶ ଓ ନିରାଶ କରିଛି। ଓଡ଼ିଶାରେ ମହିଳା, ଶିଶୁଙ୍କ ସୁରକ୍ଷା ତଥା ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରଙ୍କ ଏପରି ପଦକ୍ଷେପ ପରିସ୍ଥିତିକୁ ଆହୁରି ସଂକଟଜନକ କରିଦେବ। ଏହା ଓଡ଼ିଶାର ମା'ଭଉଣୀଙ୍କ ସୁରକ୍ଷାକୁ ଆହୁରି ବିପନ୍ନ କରିବା ସହ ଯୁବସମାଜ ଓ କୋମଳମତି ଛାତ୍ରଙ୍କ ମନକୁ ବିକୃତ କରିବ। ବିଜେପି ସରକାର ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରୁ। ନଚେତ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଜୋରଦାର କରିବ ବୋଲି ନବୀନ ଚେତାବନୀ ଦେଇଛନ୍ତି।

ପଶ୍ଚିମବଙ୍ଗ ଏସ୍‌ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଓଡ଼ିଶା, ଝାଡ଼ଖଣ୍ଡ ସିଭିଲ ଜଜ୍‌ଙ୍କୁ ଯାଞ୍ଚ ଦାୟିତ୍ୱ

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ପଶ୍ଚିମବଙ୍ଗରେ ଜାରି ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ତ୍ୱରାନ୍ୱିତ କରିବା ପାଇଁ ସୁପ୍ରିମକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୮୦ ଦାବିର ସମାଧାନ ଲାଗି ଦୁଇ ପଡ଼ୋଶୀ ରାଜ୍ୟର ସହାୟତା ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଏସ୍‌ଆଇଆର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଏବଂ ଝାଡ଼ଖଣ୍ଡର ସିଭିଲ ଜଜ୍‌ଙ୍କ ସହାୟତା ନେବା ପାଇଁ କଲକତା ହାଇକୋର୍ଟଙ୍କୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଚାରପତିଙ୍କ ସମସ୍ତ ଖର୍ଚ୍ଚ ନିର୍ବାଚନ କମିସନ ବହନ କରି।।ବେ ବୋଲି କହିଛନ୍ତି। ସେହିପରି ୨୮ ତାରିଖରେ ରାଜ୍ୟର ଚୂଡ଼ାନ୍ତ ଏସଆଇଆର ତାଲିକା ଜାରି କରିବାକୁ ଇସିଙ୍କୁ କହିଛନ୍ତି। ପରେ ଅତିରିକ୍ତ ତାଲିକା ଜାରି କରିପାରିବେ ବୋଲି ସ୍ପଷ୍ଟ କରିଛନ୍ତି।

ଏହା ପୂର୍ବରୁ କଲ୍‌କତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି କହିଥିଲେ ଯେ ୮୦ ଲକ୍ଷ ଲୋକଙ୍କ ଦାବିର ସମାଧାନ ପାଇଁ ୨୫୦ ଜଣ ଜିଲ୍ଲା ଜଜ୍‌ଙ୍କୁ ପ୍ରାୟ ୮୦ ଦିନ ସମୟ ଲାଗିପାରେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିଜେଆଇ ସିଭିଲ୍ ଜଜ୍‌ମାନଙ୍କ ସାହାଯ୍ୟ ନେବାକୁ ଅନୁମତି ଦେଇଛନ୍ତି।

ଖର୍ଚ୍ଚ ଉଠାଇବେ ନିର୍ବାଚନ କମିସନ

କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟା ପାଇଁ ସେ ଝାଡ଼ଖଣ୍ଡ ଏବଂ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସେଠାକାର ବିଚାର ବିଭାଗୀୟ ଅଧିକାରୀଙ୍କୁ ପଠାଇବା ପାଇଁ ଅନୁରୋଧ କରିପାରିବେ। ଏହି ଅଧିକାରୀମାନଙ୍କର ଖର୍ଚ୍ଚ ଇସି ବହନ କରିବେ। ସୁପ୍ରିମକୋର୍ଟ ଧାରା ୧୪୨ରେ ମିଳିଥିବା ନିଜ କ୍ଷମତାର ବ୍ୟବହାର କରି ନିର୍ଦ୍ଦେଶ ଦେଇଛନ୍ତି ଯେ ପଶ୍ଚିମବଙ୍ଗର ଅତିରିକ୍ତ ଚିଠା ତାଲିକାରେ ଥିବା ଭୋଟର ଚୂଡ଼ାନ୍ତ ତାଲିକାରେ ଅନ୍ତର୍ଭୁକ୍ତ ବୋଲି ଧରାଯିବ। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ କୋର୍ଟଙ୍କୁ ଏହି ବିଶେଷ କ୍ଷମତା ମିଳିଛି।

ମାର୍ଚ୍ଚ ୮ ଯାଏ ବିଧାନସଭା ମୁଲତବୀ

ହୋ ହଲ୍ଲାରେ ଆରମ୍ଭ, ହୋ ହଲ୍ଲାରେ ଶେଷ

■ ଭୁବନେଶ୍ୱର, ୨୪।୨ (ସମିସ): ମଙ୍ଗଳବାର ଶେଷ ହୋଇଛି ବିଧାନସଭାର ଷଷ୍ଠ ତଥା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ। ବାଚସ୍ପତି ଆସନ୍ତା ମାର୍ଚ୍ଚ ୮ ତାରିଖ ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନରେ ଗୃହ ଆଦୌ ସ୍ୱାଭାବିକ ହୋଇପାରି ନାହିଁ। ଶେଷଦିନରେ ବିଜେଡି ମଣ୍ଡି ଅବ୍ୟବସ୍ଥା ଏବଂ ଧାନ କିଣା ବିଭ୍ରାଟକୁ ନେଇ ଗୃହକାର୍ଯ୍ୟରେ ଆଦୌ ଭାଗ ନେଇନଥିବା ବେଳେ କଂଗ୍ରେସ ଅପରାହ୍ନରେ ଗାନ୍ଧୀ ମୂର୍ତ୍ତି ତଳେ ନିଜର ପ୍ରତିବାଦ ଜଣାଇଛି।

ପ୍ରଥମ ପର୍ଯ୍ୟାୟରେ ମୋଟ ୭ ଦିନ ଗୃହ ଚାଲିଥିବା ବେଳେ ପ୍ରଥମ ଦିନ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନିଜର ଅଭିଭାଷଣ ରଖିଥିଲେ। ଏହି ଦିନକୁ ଛାଡ଼ିଦେଲେ ବାକି ୬ ଦିନ ଗୃହରେ ପୁରା ଅଚଳାବସ୍ଥା ଦେଖା ଦେଇଥିଲା। ୬ ଦିନ ଯାକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳରେ ବିରୋଧୀ ସରକାରଙ୍କ ବିରୋଧ କରି ଗୃହକୁ ଅଚଳ କରିଛନ୍ତି। ସେହିପରି ଶେଷଦିନରେ ଗୋଟିଏ ମାତ୍ର ମୁଲତବୀ ଆଲୋଚନା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଅଂଶଗ୍ରହଣ କରିନଥିଲା। ରାଜ୍ୟର ଧାନକିଣାରେ ଚରମ ଅବ୍ୟବସ୍ଥାକୁ ନେଇ ମୁଖ୍ୟ ବିରୋଧୀ ବିଜେଡି କଡ଼ା ପ୍ରତିବାଦ କରିବା ସହ ତୁରନ୍ତ ସମାଧାନ ଦାବିରେ ଅଡ଼ି ବସିଥିଲା। ଦଳର ବିଧାୟକମାନେ ଅବିନବ ଉପାୟରେ ଗୃହରେ ଥିବା ରିପୋର୍ଟର ଟେବୁଲ ଉପରେ ଧାନ ଢାଳି ପ୍ରତିବାଦ କରିବା ସହ ଟେବୁଲ ଉପରେ ଚଢ଼ି ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। କହିଥିଲ ଠନ୍ ଠନ୍, ଦେଖାଇ ଦେଲ ଲଣ୍ଠନ ନାରା ଦେଇ ବିଜେଡି ବିଧାୟକମାନେ ଗୃହ କମ୍ପାଇଥିଲେ। କଂଗ୍ରେସ ମଧ୍ୟ ଗୃହରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରି ରାଜ୍ୟରେ ଧାନକିଣାକୁ ନେଇ ଥିବା ▶ପୃଷ୍ଠା-୧୦

ଧାନ କିଣାକୁ ନେଇ ସରକାରଙ୍କୁ ଘେରିଲେ ଉଭୟ ବିରୋଧୀ

ବଜେଟ ଉପରେ ସାଧାରଣ ଆଲୋଚନାକୁ ବିରୋଧୀଙ୍କ ବର୍ଜନ

ଗୃହ ଅଚଳକୁ ନେଇ ଶାସକ ଓ ବିରୋଧୀ ଦୋଷ ଲଦାଲଦି

ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ହେଲି-ଟ୍ୟାକ୍ସି ସେବା

■ ବାରିପଦା, ୨୪।୨ (ସମିସ): ଶିମିଳିପାଳକୁ ଆସିବାକୁ ଥିବା ପର୍ଯ୍ୟଟକଙ୍କ ପାଇଁ ଭୁବନେଶ୍ୱରରୁ ବାରିପଦାକୁ ଗମନାଗମନ ପାଇଁ ହେଲି-ଟ୍ୟାକ୍ସି ସେବା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଏହି ସେବା ଆରମ୍ଭ ହେବ ବୋଲି ଜଣାଯାଇଛି। ଏଥିପାଇଁ ମଙ୍ଗଳବାର ପୱନ ହଂସ କମ୍ପାନୀ ପକ୍ଷରୁ ଏହାର ପ୍ରଥମ ଟ୍ରାଏଲ-ରନ୍ ହୋଇଛି। ପରୀକ୍ଷାମୂଳକ ଅବତରଣ କରିବା ପରେ ଜିଲ୍ଲା ପୁଲିସ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ସହ ପୱନହଂସ କମ୍ପାନୀର କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି। ବାରିପଦା ପୁଲିସ ଲାଇନ ହେଲିପ୍ୟାଡଠାରୁ ଭୁବନେଶ୍ୱର ବିମାନବନ୍ଦରକୁ ସେବା ପ୍ରଦାନ ହେବ। ରାଜ୍ୟ ବାଣିଜ୍ୟ, ପରିବହନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଲୋଚନା ପରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରୁ ପର୍ଯ୍ୟଟକମାନଙ୍କୁ ଆଣି ବାରିପଦା ପହଞ୍ଚାଇବା ସହ ଶିମିଳିପାଳ ପାଦଦେଶ ଲୁଲୁଙ୍ଗର ଅରଣ୍ୟ ନିବାସଠାରେ ରହଣୀ ବ୍ୟବସ୍ଥା କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଖୁବ୍‌ଶୀଘ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥିପାଇଁ ଏସ୍‌ଓପି ଜାରି କରାଯିବ। ଏହି ସେବା ▶ପୃଷ୍ଠା-୧୦

ଆରମ୍ଭ ପୂର୍ବରୁ ହେଲା ଟ୍ରାଏଲ ରନ୍

କେରଳରୁ କେରଳମ୍

■ ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂଆ ଅଫିସ ସେବା ତୀର୍ଥରେ ମଙ୍ଗଳବାର କେନ୍ଦ୍ର ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ବସିଛି। ଏଥିରେ କେରଳର ନାମ ପରିବର୍ତ୍ତନ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। କେରଳ ସରକାର ଏ ନେଇ ପ୍ରସ୍ତାବ ଦେଇଥିଲେ। କେରଳ ଏବେ କେରଳମ୍ ହୋଇଯିବ। ଏପ୍ରିଲ-ମେରେ କେରଳ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତା ପୂର୍ବରୁ ଏହି ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍ ମଞ୍ଜୁରୀ ପରେ ଏବେ ରାଷ୍ଟ୍ରପତି ସମ୍ବିଧାନର ଅନୁଚ୍ଛେଦ ୩ ଅନୁଯାୟୀ କେରଳ (ନାମ ପରିବର୍ତ୍ତନ) ବିଲ୍-୨୦୨୬କୁ କେରଳ ବିଧାନସଭାର ମତ ପାଇଁ ପଠାଇବେ। ବିଧାନସଭାର ଏହା ପାରିତ ହେବା ପରେ ସରକାର ସଂସଦରେ ବିଲ୍ ଆଗତ କରିବେ। ସଂସଦରେ ଏହା ▶ପୃଷ୍ଠା-୧୦

ସେବାତୀର୍ଥରେ ପ୍ରଥମ ବୈଠକ

ନାମ ପରିବର୍ତ୍ତନକୁ ଥରୁରଙ୍କ କଟାକ୍ଷ

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

କୋର୍ଟରେ ସାକ୍ଷୀ ଦେବା ହେଲା କାଳ

ଜେଲ୍ ଫେରନ୍ତାକୁ ପିଟିପିଟି ହତ୍ୟା

■ କୁଆମରା, ୨୪।୨ (ସମିସ): କୋର୍ଟରେ ସାକ୍ଷୀ ଦେବା କାଳ ହେଲା। ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ ଆସାମୀଙ୍କ ସଂପର୍କୀୟ। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳରେ ଏପରି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗଡ଼ିଗାଁର କାହ୍ନୁ ମଢ଼େଇ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୫୦/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ବିଶିପୁର ଗ୍ରାମର ଦୁଲାରାମ ମୁର୍ମୁଙ୍କୁ ଗିରଫ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ରହିଛନ୍ତି। ପୁଲିସ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ଏକ ବାଇକ୍‌କୁ ଜବତ କରିଛି ପୁଲିସ। ମୃତ କାହ୍ନୁ ଜଣେ ପେସାଦାର ଅପରାଧୀ। ଏକ ଚୋରି ମାମଲାରେ ସେ ଜେଲ୍ ଯାଇଥିଲା। ଗତ କିଛି ଦିନ ତଳେ ସେ ଜାମିନ୍‌ରେ ଫେରିଥିଲା ବୋଲି ପୁଲିସ କହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଗତ ନଭେମ୍ବର ମାସରେ ଉଦଳା ଥାନା ଅନ୍ତର୍ଗତ ଧାନଘେରା ଗ୍ରାମରେ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ବେଳେ କାହ୍ନୁ ଓ ତା'ର ସହଯୋଗୀ ବାପି କୋହ୍ଲାରକୁ ଗାଁ ଲୋକେ ଧରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ବାପିର ମୃତ୍ୟୁ ଘଟିଥିବା ବେଳେ କାହ୍ନୁ ଗୁରୁତର ଆହତ ହୋଇଥିଲା। ଏହି ଘଟଣାକୁ ନେଇ ଉଦଳା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୧୧ଜଣ ଅଭିଯୁକ୍ତଙ

ଠିକାଦାରଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ଆନନ୍ଦପୁର, ୨୪।୨ (ସମିସ): ଗତ ୨୦ ତାରିଖ ରାତିରେ ଘସିପୁରା ଥାନା ଡିହସାହି ଗାଁର ଠିକାର ବିପିନ ପରିଡ଼ାଙ୍କୁ ଚାନ୍ଦା ନଦେବାରୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିଲା। ପୁଲିସ ରୁଜୁ କରିଥିବା ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଉକ୍ତ ଅଭିଯୁକ୍ତମାନେ ହେଲେ ହାତୀଶୀଳା ଡିହସାହିର କାଳନ୍ଦୀ ନାୟକ (୨୩), ରବିନ୍ଦ୍ର ନାୟକ (୨୪) ଓ ବାଦଲ ନାୟକ (୪୦)। ଘସିପୁରା ପୁଲିସ ଏହି ମାମଲାରେ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ୨ ଜଣଙ୍କୁ ବାଲେଶ୍ୱର ଅଞ୍ଚଳରୁ ଗିରଫ କରିଥିବା ବେଳେ ଅନ୍ୟ ଜଣକୁ ଯାଜପୁର ଅଞ୍ଚଳରୁ ଗିରଫ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କମଳା କୁମାର ପଣ୍ଡାଙ୍କଠାରୁ ପ୍ରକାଶ।

ଠିକାଦାର ଡିହସାହି ଗ୍ରାମର ବିପିନ ପରିଡ଼ାଙ୍କୁ ଘରୁ ଡାକି ମଦ ପିଇବାକୁ ଟଙ୍କା ମାଗିଥିଲେ ତିନି ଦୁର୍ବୃତ୍ତ। ଟଙ୍କା ନଦେବାରୁ ସେମାନେ ସଂଘବଦ୍ଧ ହୋଇ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଆନନ୍ଦପୁର ଡାକ୍ତରଖାନାକୁ ବିପିନଙ୍କୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ, ଅତାସାହି ଡିହସାହିର ବିପିନ ପରିଡା ରାତିରେ ଖାଇସାରି ଶୋଇବାକୁ ଯାଉଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିଲା। ମଦ ପିଇବାକୁ ବିପିନଙ୍କୁ ୫୦୦ ହଜାର ଟଙ୍କା ମାଗିଥିଲେ, ଟଙ୍କା ଦେବାକୁ ମନା କରିବାରୁ ସେମାନଙ୍କ ସହ ବିପିନଙ୍କ ସହ ପ୍ରଥମେ ବଚସା ହୋଇଥିଲା। ଉତକ୍ଷିପ୍ତ ହୋଇ ବିପିନଙ୍କୁ ବିଧା ଗୋଇଠା ସହ ଠେଙ୍ଗାରେ ଆକ୍ରମଣ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିଲା। ଘସିପୁରା ଥାନାଧିକାରୀ କିଶୋର କୁମାର ପ୍ରଧାନ ଓ ତଦନ୍ତ ଅଧିକାରୀ ମନିଷା ବୁକ୍ତା ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ନିଶା କାରବାର ବିରୋଧରେ ଅଣ୍ଟା ଭିଡ଼ିଲେ ମହିଳା

ଆନନ୍ଦପୁର, ୨୪।୨ (ସମିସ): ଆନନ୍ଦପୁର ଉପଖଣ୍ଡର ଘଷିପୁରା ଥାନା ଅନ୍ତର୍ଗତ ଶାଳପଡ଼ା ନୂଆ କଲୋନୀଠାରେ ଦିନକୁ ଦିନ ନିଶାଦ୍ରବ୍ୟ ବିକ୍ରି ଓ ବିଶେଷ କରି, ମଦର ଅବାଧ କାରବାର ବଢ଼ି ଚାଲିଛି। ଏହାଦ୍ୱାରା ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ଘରେ ଘରେ କଳହ ଓ ଅଶାନ୍ତିର ପରିବେଶ ସୃଷ୍ଟି ହେଉଛି। ନିଶାଗ୍ରସ୍ତ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ବେଧଡ଼କ ଭାବେ ମଦ, ବ୍ରାଉନସୁଗର, ଗଞ୍ଜେଇ, କୁଆଖେଳ ଆଦି ଶାଳପଡ଼ା ନୂଆ କଲୋନୀରେ ବଢ଼ି ଚାଲିଛି। ଗଳିକନ୍ଦିରେ କୁଚିଆ ମଦ କାରବାର ଚାଲିଛି। ଯୁବ ପିଢ଼ି ଏହାଦ୍ୱାରା ପ୍ରଲୋଭିତ ହେଉ ପଥଭ୍ରଷ୍ଟ ହେଉଛନ୍ତି। ନିଶା ସେବନ ଦ୍ୱାରା ଆଇନଶୃଙ୍ଖଳା ବ୍ୟବସ୍ଥା ମଧ୍ୟ ରହୁ ନଥିବା ଅଭିଯୋଗ ହେଉଛି। ପୁଲିସ ଏଥିପ୍ରତି ନିରବଦ୍ରଷ୍ଟା ସାଜିଥିବାରୁ ଆଇନ ପ୍ରତି କାହାରି ଭୟ ନାହିଁ। ଏହାଦ୍ୱାରା ଅପରାଧ ସଂଘଟିତ ହେଉଥିବା ବେଳେ ବେଆଇନ କାର୍ଯ୍ୟକଳାପ ମଧ୍ୟ ବଢ଼ି ଚାଲିଛି। ଧନଜୀବନ ହାନି ହେଉଛି। ବହୁ ସମୟରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଉଛି। ଏହାକୁ ବନ୍ଦ କରିବାକୁ ଆଜି ଶତାଧିକ ମହିଳା ଅଣ୍ଟା ଭିଡ଼ି ବିରୋଧ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପୁଲିସ ଓ ଅବକାରୀ ବିଭାଗ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି; ନଚେତ ଆଗାମୀ ଦିନରେ ବଡ଼ ଧରଣର ପ୍ରତିବାଦ ସଂଘଟିତ ହେବ ବୋଲି କିଛି ମହିଳା ପ୍ରକାଶ କରିଛନ୍ତି।

ଭଞ୍ଜ କଳା ମଣ୍ଡପରେ ଜିତୁ ଦାଶ ସମ୍ବର୍ଦ୍ଧିତ

ଆନନ୍ଦପୁର, ୨୪।୨ (ସମିସ): ଭଞ୍ଜ କଳା ମଣ୍ଡପରେ "ତୋ ଲକ୍ଷ୍ୟସ୍ଥଳରେ ପହଞ୍ଚିବୁ' କାର୍ଯ୍ୟକ୍ରମରେ ଆନନ୍ଦପୁରର ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ନୃତ୍ୟଗୁରୁ ଜିତୁ ଦାଶ, ଅଭିନେତ୍ରୀ ମିଲି ମହାନ୍ତି, କମଳ ଲୋଚନ ଚକ୍ରବର୍ତ୍ତୀ, ଅଲଓଡ଼ିଶା ଆର୍ଟିଷ୍ଟ ସଂଘ ସମ୍ପାଦକ ବାସୁଦେବ ନାଥ, ପ୍ରଯୋଜକ ସେକ ସାଜନ, ମନୋରଞ୍ଜନ ଦାସ ପ୍ରମୁଖ ମଣିଷ ଜୀବନର ସଂଘର୍ଷ କାହାଣୀର କଥାବସ୍ତୁ ଉପରେ ଆଧାରିତ କାହାଣୀକୁ ଉପସ୍ଥାପନ କରିଥିଲେ। ଅଭିନେତା ଅଶ୍ରୁମୋଚନ, ନୃତ୍ୟଗୁରୁ ଜିତୁ ଦାଶଙ୍କ ସଂଘର୍ଷର କାହାଣୀ ଉପରେ ଏକ କାହାଣୀ ତିଆରି ହେବା ଦରକାର। ନିଜ ମାଟିର କଳାକୁ କେତେ ଦରଦୀ ହୃଦୟ ଦେଇ ଗଢିଛନ୍ତି। ତା'ଛଡ଼ା ଜିତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ମତ ପ୍ରକାଶ ପାଇଥିଲା। ଆନନ୍ଦପୁର ମାଟିର ସନ୍ତାନ ଅଶ୍ରୁମୋଚନ, ସେକ ସାଜନଙ୍କ କାହାଣୀ ବି ଅନୁରୂପ ବୋଲି ଅଶ୍ରୁମୋଚନ ଓ ଅଭିନେତ୍ରୀ ମିଲି ମହାନ୍ତି କହିଥିଲେ। ଏହି ଅବସରରେ ନୃତ୍ୟଗୁରୁ ଜିତୁ ଦାଶଙ୍କୁ ମାଟିର ମହକ ପାଇଁ ସମସ୍ତ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଉଦୟପୁର ଧାନମଣ୍ଡି ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ତୁରୁମୁଙ୍ଗା, ୨୪।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଉଦୟପୁର ପଞ୍ଚାୟତ ସିଲିପଦା ଗ୍ରାମର ଗରିବ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଚାଷୀମାନେ ଚଳିତ ବର୍ଷ ଖରିଫ ଋତୁରେ ଋଣକରଜ କରି ଅନେକ କଷ୍ଟରେ ଚାଷ କରିଥିଲେ। ହେଲେ ମଣ୍ଡିରେ ଅବ୍ୟବସ୍ଥା ନେଇ ସେମାନଙ୍କ ଧାନକୁ ବିକ୍ରି କରି ପାରୁ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଉକ୍ତ ମଣ୍ଡିରେ କର୍ମଚାରୀ ବଳରାମ ମହାପାତ୍ର ଏବଂ ସାହାରପଡ଼ା ଲ୍ୟାମ୍ପର ପରିଚାଳକ ରଞ୍ଜୁଶ୍ରୀ ମହାନ୍ତଙ୍କ ଅଣସ୍ୱୀକୃତି ଧାନ କଳାବଜାରୀଙ୍କ ସଲାସୁତୁରା ରହିଥିବା ଅଭିଯୋଗ କରାଯାଇଛି। ଗରିବ ଚାଷୀଙ୍କୁ ହଇରାଣ କରିବା ସହ ଧାନ ମଣ୍ଡି ଖୋଲୁ ନଥିବା ଅଭିଯୋଗରେ ଦର୍ଶାଇବା ସହ ଚାଷୀଙ୍କୁ ଧାନକୁ ମିଲକୁ ନିଜେ ନେବାକୁ ବାଧ କରୁଛନ୍ତି। ଧାନ ଟୋକନ ବଣ୍ଟନରେ ଅସାଧୁ ମନୋଭାବ ରଖି ଚାଷୀଙ୍କୁ ହଇରାଣ କରୁଥିବାରୁ ଗରିବ ଚାଷୀ ହତାଶ ହୋଇ ରହିଥିବା ନେଇ ସିଲିପଦା ଗ୍ରାମର ସମ୍ବଳିତ ଚାଷୀଙ୍କ ଦସ୍ତଖତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଜରିଆରେ ଲେଖି ମଣ୍ଡୁଆସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଛନ୍ତି। ଏନେଇ ସାହାରପଡା ଲ୍ୟାମ୍ପ ପରିଚାଳକ ରଞ୍ଜୁଶ୍ରୀ ରଞ୍ଜିତା ମହାନ୍ତଙ୍କୁ ପଚରାଯିବାରୁ ସେ କହିଛନ୍ତି, ଚାଷୀ ଅଧୈର୍ଯ୍ୟ ହେଉଛନ୍ତି। ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଧାନ କିଣା ଚାଲିଛି। କୌଣସି ପରିସ୍ଥିତିରେ ଟୋକନ ଲାପସ ହେବନାହିଁ ଏବଂ ଚାଷୀଙ୍କ ସମସ୍ତ ଧାନ ସଂଗ୍ରହ କରାଯିବ ବୋଲି କହିଛନ୍ତି।

କବି ଚତୁର୍ଭୁଜଙ୍କୁ ବିଦୂଷ ଭାରତୀ ସମ୍ମାନ

ଆନନ୍ଦପୁର, ୨୪।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ଭାରତୀ ବିଦୂଷ ସଭାର ମିଳିତ ସହଯୋଗରେ ଜୟଦେବ ଭବନ ଗୀତଗୋବିନ୍ଦ ସଦନରେ ଆୟୋଜିତ ଉତ୍କଳ ଭାରତୀ ବିଦୂଷ ସଭାର ଦ୍ୱିତୀୟ ବାର୍ଷିକ ଉତ୍ସବରେ କେନ୍ଦୁଝର ଜିଲ୍ଲା ଆମ୍ବଗଡ଼ିଆ ଗ୍ରାମର ଯୁବକବି ତଥା ଆଇନଜୀବୀ ଚତୁର୍ଭୁଜ ଜେନାଙ୍କୁ ତାଙ୍କ କବିତା ସଂକଳନ "ଭିଜା ମାଟିର ବାସ୍ନା' ପାଇଁ ବିଦୂଷ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ଃ ଗୋବିନ୍ଦ ଚାନ୍ଦ, ଅବସରପ୍ରାପ୍ତ ନିର୍ଦ୍ଦେଶକ ମୀନକେତନ ଦାସ, ବିଦୂଷ ସଭାର ପ୍ରତିଷ୍ଠାତା କଣ୍ଡୁରୀ ଚରଣ ନାୟକ, ସଭାପତି ଜ୍ୟୋତିର୍ମୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି।

ନିୟନ୍ତ୍ରଣ ବାହାରକୁ ଯାଉଛି ଗୁଟଖା ଦର

ଚମ୍ପୁଆ,୨୪।୨(ସମିସ): ନିକଟ ଅତୀତରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୨୬ରେ ନିକୋଟିନଯୁକ୍ତ ଗୁଟଖା ବିକ୍ରି ଓ ଗଚ୍ଛିତ ଉପରେ ଅଙ୍କୁଶ ଲଗାଇଥିବା ବେଳେ ପରବର୍ତ୍ତୀ ସମୟରେ ଗୁଟଖା ବିକ୍ରି କରିବା ପରିବର୍ତ୍ତେ ଏହା ବଢ଼ି ବଢ଼ି ଚାଲିଛି। ଏବେ ପୁଣି ଏନେଇ ଏକ ନିର୍ଦ୍ଦେଶାବଳୀ ଜାରି ହୋଇଥିବା ପରିପ୍ରେକ୍ଷୀରେ ଗୁଟଖା ଦର ହୁହୁ ହୋଇ ବଢୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ସରକାରଙ୍କ

● ପ୍ରିଣ୍ଟ ମୂଲ୍ୟରୁ ଅଧିକା ବିକ୍ରି

ଘୋଷଣା ପୂର୍ବରୁ ଗୁଟୁଖା ଦର ୫ ଟଙ୍କାରେ ମିଳୁଥିବା ବେଳେ ଦିନକୁ ଦିନ ଏହାର ମୂଲ୍ୟ ବୃଦ୍ଧି ପାଇବା ସହ ଖୁଲମଖୁଲା ବେପାର ହେଉଛି। ସହଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାନ ଦୋକାନଠାରୁ ଆରମ୍ଭ କରି ଜଳଖିଆ ଦୋକାନରେ ମଧ୍ୟ ଗୁଟଖାର ଅବାଧ କାରବାର ବଢିବାରେ ଲାଗିଛି। ପୂର୍ବରୁ ଗୋଟା ପାଞ୍ଚ ଟଙ୍କା ବିକ୍ରି ହେଉଥିବା ବେଳେ ୭ ଟଙ୍କା ଏପରିକି ଗୋଟା ପ୍ରତି କେତେକ ଦୋକାନୀ ୧୦ ଟଙ୍କା ଲେଖାଏଁ ବିକ୍ରି କରିବାକୁ ପଛାଉ ନାହାନ୍ତି। କେତେକ ପ୍ୟାକେଟକୁ ଅଧିକ ଦରରେ କିଣୁଥିବା କହୁଥିବା ବେଳେ କେତେକ ଏହାର ଅଭାବି ବିକ୍ରିର ଫାଇଦା ଉଠାଇବାକୁ ପଛଉ ନାହାଁନ୍ତି। ଫଳରେ ଗୁଟଖା ଦର ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଉ ନଥିବାରୁ ବର୍ତ୍ତମାନ ବଜାରରେ ଏହା ଅଙ୍କୁଶ ବିହୀନ ଭାବରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏନେଇ ଚମ୍ପୁଆ ଏନଏସିରେ ନିଯୁକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜୀବନ ବେହେରାଙ୍କୁ ପଚାରିବାରୁ କହିଛନ୍ତି ଯେ ଏହା ଉପରେ ଆମେ ନଜର ରଖିଛୁ ଖୁବଶୀଘ୍ର ଚଢାଉ କରାଯିବ।

'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା

କେନ୍ଦୁଝର, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ "ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଜାତୀୟ ଶିକ୍ଷାନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି। ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ହେଲ୍ପର, ସୁପରଭାଇଜର ଏବଂ ସିଡିପିଓଙ୍କୁ ମଧ୍ୟ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ ରହିଛି। କର୍ମଶାଳାରେ 'ପ୍ରଥମ' ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି। ଉପଜିଲ୍ଲାପାଳ ଉମାକାନ୍ତ ଦଳାଇ କହିଥିଲେ "ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ। ଶିଶୁଟି ଯେପରି ନ ଡରି ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ। ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ। ଶିଶୁଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହି କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଆଇଟିଡ଼ିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା, ଏଡ଼ିଇଓ ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇସିଡିଏସ୍ ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ତୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ପୋଷଣ ସମନ୍ୱୟ ଅଧିକାରୀ ଅଜିତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଶିକ୍ଷାବିତ, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ବ୍ଲକ ସିଡିପିଓ, ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପରିଚାଳନା କରିଥିଲା।

ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀ ଦରମା ନପାଇ ହନ୍ତସନ୍ତ

କେନ୍ଦୁଝର, ୨୪।୨(ସମିସ): କେନ୍ଦୁଝରସ୍ଥିତ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୨୦ ଜଣ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀ ମୂଳ ନିଯୁକ୍ତି ଦିନଠାରୁ ଦରମା ନପାଇବା ଘଟଣା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଓପିଏସସି ଦ୍ୱାରା ପରୀକ୍ଷା ମାଧ୍ୟମରେ ଓଡ଼ିଶା ସାରା ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦୨୫ ଡିସେମ୍ବରରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଜି ପର୍ଯ୍ୟନ୍ତ ଦରମା ପାଇନାହାନ୍ତି। ଦୂରଦୁରାନ୍ତରୁ ଆସି ଏଠାରେ ଚାକିରି କରିଥିବା ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀମାନେ ଦରମା ନପାଇବା କାରଣରୁ ବହୁ ଅସୁବିଧାରେ ଧାର ଉଧାର କରି ଚଳୁଥିବା ଅଭିଯୋଗ ହୋଇଛି। ଫୁଆ ଝିଅମାନେ ସରକାରୀ ଚାକିରି, ପୁଣି ଓପିଏସସି ଦ୍ୱାରା ଚୟନ କରାଯାଇଥିବା ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀ ହୋଇ ବି ଦରମା ନପାଇବା ଯୋଗୁଁ ପିତାମାତାମାନେ ଆଶା ଆଶଙ୍କାରେ କାଳ କାଟୁଛନ୍ତି। କାହାକୁ ଏକଥା କହିବେ, ଶୁଣିବ ବ କିଏ? ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ ରାଜସ୍ୱ କୋଟି କୋଟି ଟଙ୍କା ଅନ୍ୟତ୍ର ଖର୍ଚ୍ଚ ହେଉଥିବାବେଳେ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା ପାଇଁ ଅର୍ଥ ନିଅଣ୍ଟ ହେବା ସରକାରଙ୍କ ପାରିବାପଣିଆ କୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ନିଯୁକ୍ତିମେଳା ମାଧ୍ୟମରେ ନିଯୁକ୍ତିପତ୍ର ପାଇଥିବା ସରକାରୀ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀଙ୍କ ଆଶଙ୍କା ଏନେଇ ବୃଦ୍ଧି ପାଉଥିବା ବେଳେ ଆଗାମୀ ଦିନରେ କୌଣସି ସ୍ପଷ୍ଟ ଚିତ୍ର ଦେଖାଯାଉନାହିଁ। ଦୀର୍ଘଦିନ ହେବ ଦରମା ନପାଇବା ଯୋଗୁଁ ସେମାନେ ଚାପଗ୍ରସ୍ତ ହୋଇ ଚାକିରି କରିଛନ୍ତି। ଏହାଫଳରେ ଶିକ୍ଷାଦାନ ଓ ଗୁଣବତ୍ତା ବାଧାପ୍ରାପ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ତୁରନ୍ତ ଏହି ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦରମା ପାଇବା ଦିଗରେ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଜନଗଣନା ପୂର୍ବ ପ୍ରସ୍ତୁତି; ଜିଲ୍ଲାସ୍ତରୀୟ ଦୁଇଦିନିଆ ପ୍ରଶିକ୍ଷଣ ଶେଷ

କେନ୍ଦୁଝର,୨୪।୨(ସମିସ): କେନ୍ଦୁଝରଜିଲ୍ଲାପାଳଙ୍କ କାର୍ଯ୍ୟାଳୟପକ୍ଷରୁ ଡ଼ିଆରଡ଼ିଏସମ୍ମିଳନୀକକ୍ଷଠାରେ ଆଗାମୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପ୍ରଭାରୀ ଏବଂ ଜନଗଣନା ସହାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧ୍ୟାନ ବ୍ୟବସ୍ଥା' ଏବଂ ଏଚଏଲବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ତଥ୍ୟ ସଂଗ୍ରହ, ରିଅଲ-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲରେ ଡାଟା ଏଣ୍ଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌ

ମୟୂରଭଞ୍ଜରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ

ପିଲାଚୋର ସନ୍ଦେହ ଓ ପୂର୍ବ ଶତ୍ରୁତା ପାଇଁ ଗଡୁଛି ମୁଣ୍ଡ

ବାରିପଦା, ୨୪।୨(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରି ସନ୍ଦେହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଗ୍ରାମଠାରୁ ସହରରେ ଭୟର ବାତାବରଣ ଖେଳିଯାଉଛି। ଏପରିକି ଲୋକେ ସନ୍ଦିଗ୍ଧ ଲୋକଙ୍କୁ ଦେଖି ନିସ୍ତୁକ ମାଡ଼ ମାରୁଛନ୍ତି। ଏଭଳି ଘଟଣାରେ ସୋମବାର ପୃଥକ ସ୍ଥାନରେ ତିନୋଟି ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ଯଦ୍ୱାରା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବାବେଳେ ପିଲାଚୋରି ସନ୍ଦେହରେ ନିରିହଙ୍କ ମୁଣ୍ଡ ଗଡୁଛି। ଏପରି ଘଟଣାକୁ ନିୟନ୍ତ୍ରଣରେ ଆଣିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଗଣମାଧ୍ୟମ ଜରିଆରେ ଜିଲ୍ଲାବାସୀଙ୍କ ସହଯୋଗ ଲୋଡିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଏସପି ବରୁଣ ଗୁଣ୍ଡୁପାଲୀ ଆଇନକୁ କେହି ହାତକୁ ନ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସନ୍ଦିଗ୍ଧ ଲୋକ ଦେଖିଲେ ତୁରନ୍ତ ପୁଲିସକୁ ଖବରଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ରୋଗୀ ଏଣେତେଣେ ଘୁରି ବୁଲୁଛନ୍ତି। ସେମାନଙ୍କ ପରିଚୟ ମିଳିପାରୁ ନ ଥିବାବେଳେ କେହି କଥାବାର୍ତ୍ତାକୁ ନେଇ ସନ୍ଦେହ କରିବାରେ ଲାଗିଛନ୍ତି। ଏପରିକି ପାଗଳମାନେ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ କଥା ହେଉଥିବାରୁ ଗାଁ ଲୋକଙ୍କ ମଧ୍ୟରେ ପିଲାଚୋର ଛନକା ପଶିଯାଇଛି। ଯଦ୍ୱାରା ଲୋକେ ହିଂସ୍ର ହୋଇ ଆଇନକୁ ହାତକୁ ନେବା ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଏଭଳି ଘଟଣା ପ୍ରଥମେ ୧୭ ତାରିଖରେ ବାରିପଦା ସହରର ଭଞ୍ଜପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ସିସିଟିଭି ଫୁଟେଜକୁ ନେଇ ପୁଲିସ ତଦନ୍ତ କରିଥିଲେ ହେଁ ଘଟଣାକୁ ନେଇ ଜିଲ୍ଲାରେ ପିଲାଚୋର ଭୟ ଖେଳିଯାଇଛି। ସେହିପରି ସୋମବାର ମୋରଡା ଥାନା ଅଧିନ ଡେଙ୍ଗାଶୋଳ ଗ୍ରାମରେ ୪ ଯୁବକ ପିଲା ଚୋରି କରିବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଦେଖିଥିଲେ। ସମସ୍ତଙ୍କୁ ଧରିବା ପାଇଁ ଗ୍ରାମବାସୀ ଚେଷ୍ଟା କରିଥିଲେ ହେଁ ସେଠାରୁ ୩ ଜଣ ଫେରାର ହୋଇଯାଇଥିଲେ। ଜଣକୁ ଧରି ନିସ୍ତୁକ ମାଡ଼ ମାରିବା ଫଳରେ ଅଚିହ୍ନା ଯୁବକ ଜଣକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା।

ଗଣମାଧ୍ୟମ ଜରିଆରେ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଲେ ଏସ୍‌ପି

ଅପରପକ୍ଷରେ ଶାମାଖୁଣ୍ଟା ବ୍ଲକ ତଥା ବାରିପଦା ସଦର ଥାନା ଅଧୀନ ଧନପୁର ଗ୍ରାମରେ ପିଲାଚୋର ସନ୍ଦେହକୁ ନେଇ ସୋମବାର ବିଳମ୍ବିତ ରାତିରେ ଦମ୍ପତିକୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଛନ୍ତି। ଏପରିକି ଗାଡିକୁ ଭଙ୍ଗାରୁଜା କରିବା ସହିତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ସେହିପରି ବାଙ୍ଗରିପୋଷି ଥାନା ଅଧୀନ ନୂଆବସାଣ ଗ୍ରାମରେ ଜଣେ ବୃଦ୍ଧଙ୍କୁ ଗ୍ରାମବାସୀ ପିଲାଚୋର କହି ନିସ୍ତୁକ ମାଡ ମାରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେ ସେ ବାରିପଦାର ଏକ ବୃଦ୍ଧାଶ୍ରମରେ ଅଛନ୍ତି। ସେହିପରି ରବିବାର ସମାନ ଘଟଣାରେ ବସନ୍ତପୁର ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ ସାମଗ୍ରୀ ବିକ୍ରି କରିବାକୁ ଗାଁକୁ ଯାଇଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପୁଲିସ ଖବରପାଇ ତାକୁ ଉଦ୍ଧାର କରିବା ପରେ ଏକ ସୁରକ୍ଷିତ ସ୍ଥାନରେ ଛାଡିଥିଲା। ଅନୁରୂପ ଶ୍ୟାମସୁନ୍ଦର ଗ୍ରାମରେ ମଧ୍ୟ ଗ୍ରାମବାସୀମାନେ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୨୦୧୮ରେ ଦୋମୁହାଁଣୀ ଗ୍ରାମରେ ଜଣେ ମହିଳାଙ୍କୁ ପିଲାଚୋର ସହିତ ଡାହାଣୀ ସନ୍ଦେହରେ ପିଟିପିଟି ମାରିଦେବା ଅଭିଯୋଗରେ ପୁଲିସ ୧୧ ଜଣକୁ ଗିରଫ କରିଥିଲା। ସେହିପରି ମୟୂରଭଞ୍ଜ ଏସପିଙ୍କ କାର୍ଯ୍ୟାଳୟର ଅନତି ଦୂର ବେଲଗଡ଼ିଆ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଅଞ୍ଚଳବାସୀ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ସେହିପରି ସୋମବାର ରାତି ଖୁଣ୍ଟା ଥାନା ଅଧୀନ ଧାନଘେରା ଗ୍ରାମରେ ଜଣେ ଯୁବକ କୋର୍ଟରେ ସାକ୍ଷୀ ଦେବାକୁ ନେଇ ଗ୍ରାମବାସୀ ପିଟି ପିଟି ମାରିଦେବା ଭଳି ଘଟଣା ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମୃତ ଯୁବକ ଜଣ ହେଲେ ଗଡ଼ିଗାଁ ଗ୍ରାମର କାହ୍ନୁ ମଡେଇ। ଗତ ନଭେମ୍ବର ମାସରେ କାହ୍ନୁ ଅନ୍ୟ ଜଣେ ସହଯୋଗୀ ସହିତ ଉଦଳା ଥାନା ଅଧୀନ ଜାରାନଟା ଗ୍ରାମରେ ଚୋରି କରିବାକୁ ଯାଇଥିବାବେଳେ ଧରାପଡ଼ିଥିଲେ। ସେତେବେଳେ ଗ୍ରାମବାସୀଙ୍କ ମାଡରେ ସହଯୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ କାହ୍ନୁ ବଞ୍ଚିଯାଇଥିଲେ। ଉକ୍ତ ହତ୍ୟା ଘଟଣାରେ କାହ୍ନୁ କୋର୍ଟରେ ସାକ୍ଷୀ ଦେବାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ତାଙ୍କୁ ଗୋଡାଇ ଗୋଡାଇ ମାଡ ମାରିଥିଲେ। ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଖୁଣ୍ଟା ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବଡ଼ସାହି ଥାନା ଅଧୀନ ଦେଉଳିଆ ଗ୍ରାମରେ ବିଜେପି ନେତା ପ୍ରଭାତ କୁମାର ଜେନା ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏପରି ଘଟଣା ଘଟିଥିଲେ ହେଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗୋଟିଏ ଦିନରେ ତିନୋଟି ସ୍ଥାନରେ ଏଭଳି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପିଲାଚୋର ଗୁଜବ ଏବେ ଜିଲ୍ଲାରେ କୋକୁଆ ଭୟ ସୃଷ୍ଟି କରିଛି।

ପିଲାଚୋର ଗୁଜବଜନିତ ମାରପିଟ୍ ଓ ହତ୍ୟା ଘଟଣାରେ ଏସ୍‌ପିଙ୍କ ସମୀକ୍ଷା

ବାରିପଦା, ୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପିଲାଚୋରି ଗୁଜବକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଜିଲ୍ଲା ଏସ୍‌ପି ବରୁଣ ଗୁଣ୍ଡୁପଲ୍ଲୀ ମଙ୍ଗଳବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ

ପରିସ୍ଥିତିର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଏହିପରି ଗୁଜବ ଯୋଗୁଁ ବିଭିନ୍ନ ସ୍ଥାନରେ ମନସ୍ତତ୍ତ୍ୱ ଅନାଗ୍ରସର ବ୍ୟକ୍ତିମାନଙ୍କୁ ମାରପିଟ୍ କରାଯାଉଥିବା ଘଟଣା ଘଟୁଛି। ପୁଲିସ୍ ଏହାର ପ୍ରତିକାର କରି ଦୋଷୀମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେଉଛି। ଏସ୍‌ପିଙ୍କ ସୂଚନା ଅନୁସାରେ, ମୋରଡା ଥାନା ଅଞ୍ଚଳ ଘଟଣାରେ ୧୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାରିପଦା ସଦର ଥାନା ଅନ୍ତର୍ଗତ ଅମ୍ବାସିକଡା ଗ୍ରାମ ଘଟଣାରେ ଜଡ଼ିତ ୧୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ବ୍ୟତୀତ ଜିଲ୍ଲାର ଏକାଧିକ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଥିବା ସେ ସୂଚନା ଦେଇଛନ୍ତି। ଏସ୍‌ପି ଗୁଣ୍ଡୁପଲ୍ଲୀ ଲୋକମାନଙ୍କୁ ଅପିଲ୍ କରିଛନ୍ତି ଯେ, ଏଭଳି ଗୁଜବ ପ୍ରଚାର ନକରିବାକୁ ଓ କୌଣସି ସନ୍ଦେହଜନକ ବ୍ୟକ୍ତିଙ୍କୁ ଦେଖିଲେ ସ୍ଥାନୀୟ ପୁଲିସ୍‌କୁ ତୁରନ୍ତ ସୂଚନା ଦେବା, ଆଇନ୍‌କୁ ନିଜ ହାତକୁ ନ ନେବାକୁ ସେ ଜୋର୍ ଦେଇଛନ୍ତି। ଏହା ସହ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସବୁ ସରପଞ୍ଚ ଏବଂ ଲୋକ ପ୍ରତିନିଧିମାନଙ୍କୁ ଏ ବାବଦରେ ସଚେତନ କରାଯାଉ। ଏହି ସଚେତନତା ଅଭିଯାନ ଜରିଆରେ ଗୁଜବ ପ୍ରତିରୋଧ କରାଯିବ ଏବଂ ଶାନ୍ତି ରକ୍ଷା କରାଯିବ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।

ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ସୁଡ଼ଙ୍ଗା ଗ୍ରାମବାସୀଙ୍କ ବିକ୍ଷୋଭ

ବାରିପଦା, ୨୪।୨(ସମିସ): କପ୍ତିପଦା ବ୍ଲକ କଳମଗୋଡ଼ିଆ ପଞ୍ଚାୟତର ସୁଡ଼ଙ୍ଗା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ସମ୍ପର୍କରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅବହେଳିତ ଅବସ୍ଥାରେ ସୁଡ଼ଙ୍ଗା ଗ୍ରାମରେ ୨୫୦ରୁ ଅଧିକ ପରିବାର ଓ ପ୍ରାୟ ୭୦୦ରୁ ଅଧିକ ଜନସଂଖ୍ୟା ଥିଲେ ମଧ୍ୟ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଏହା ଉପଯୁକ୍ତ ବିକାଶରୁ ବଞ୍ଚିତ ହୋଇରହିଛି। ଗ୍ରାମଟି ଏକ ହାମଲେଟ୍ ବା ପଡ଼ା ଗ୍ରାମ ଭାବେ ରହିଥିବାରୁ ଏଠାରେ ସରକାରୀ ଯୋଜନା ସଠିକ୍ ଭାବେ ପହଞ୍ଚିପାରୁନାହିଁ। ରାଜସ୍ୱ ଗ୍ରାମର ମାନ୍ୟତା ନ ଥିବାରୁ ମନରେଗା ଓ ଅନ୍ୟାନ୍ୟ ପ୍ରମୁଖ ସରକାରୀ ଯୋଜନା ଗ୍ରାମରେ କାର୍ଯ୍ୟକାରୀ ହୋଇପାରୁନାହିଁ।

ସେହିପରି ଗ୍ରାମରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପାନୀୟ ଜଳ ସୁବିଧା ନ ଥିବାବେଳେ ଗ୍ରାମର ଲୋକେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଦେଖି ନାହାଁନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଏଫଆରଏ-୨୦୦୬ ଅନୁଯାୟୀ ବହୁ ପାରମ୍ପରିକ ଜଙ୍ଗଲ ବାସିନ୍ଦା ଏପର୍ଯ୍ୟନ୍ତ ଲ୍ୟାଣ୍ଡା ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଗତବର୍ଷ ମାର୍ଚ୍ଚ ମାସରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ ଘୋଷଣା କରିଥିଲେ। ଏ ପରିପ୍ରେକ୍ଷୀରେ ସୁଡ଼ଙ୍ଗା ଗ୍ରାମକୁ ତୁରନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କଲେ ଗ୍ରାମର ସର୍ବାଙ୍ଗୀନ ବିକାଶ ହୋଇପାରନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଶରତ ବିକାଶ ମଞ୍ଚ ସଭାପତି ଗାମଲ ରିମିଲସିଂ ଗୋଇପାଇ ଓ ଗୁନୁରାମ ସିଂଙ୍କ ନେତୃତ୍ୱରେ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

୨୦୨୭ ନଭେମ୍ବର ସୁଦ୍ଧା କାମ ଶେଷ କରିବାକୁ ପରାମର୍ଶ

ବାରିପଦା, ୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଏନଏଚଏଆଇ ଅଧିକାରୀ, ଯନ୍ତ୍ରୀ ଓ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୪୯ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ବାଙ୍ଗିରିପୋଷୀ ଘାଟିରେ ଚାଲିଥିବା ପ୍ରଶସ୍ତିକରଣ କାର୍ଯ୍ୟ ଯୋଗୁଁ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଘାଟିରେ କାର୍ଯ୍ୟ ଚାଲୁଥିବାରୁ ପ୍ରାୟ ସମୟରେ ଯାନବାହନ ଜାମ୍ ରହୁଛି। ଫଳରେ ବାମନଘାଟୀ ଓ ପଞ୍ଚପୀଢ

ଉପଖଣ୍ଡ ସହ ବାରିପଦା ଓ କପ୍ତିପଦା ଉପଖଣ୍ଡ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଯଶିପୁର ନିକଟରେ ମଧ୍ୟ କାର୍ଯ୍ୟ ଅତି ଧିମା ଗତିରେ ଚାଲିଥିବାରୁ ସାଂସଦ ଶ୍ରୀ ମାଝୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏହି ସବୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୨୮ ନଭେମ୍ବର ୨୦୨୭ ମସିହା ସୁଦ୍ଧା ସମୟସୀମା (ଡେଡଲାଇନ୍) ଧାର୍ଯ୍ୟ କରାଯାଇଛି। ସେହିପରି ୨୨୦ ନମ୍ବର ଜାତୀୟ ରାଜପଥର ରାଇରଙ୍ଗପୁର ବାଇପାସ୍ କାର୍ଯ୍ୟକୁ ବର୍ଷାଋତୁ ପୂର୍ବରୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟକୁ ଯଥାଶୀଘ୍ର ଓ ଗୁଣବତ୍ତା ସହିତ ଶେଷ କରିବାକୁ ସାଂସଦ ଶ୍ରୀ ମାଝୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

ନୂତନ ଏନ୍‌ଏସି ଗୃହର ଏଆଇ ଫଟୋକୁ ନେଇ ବଢୁଛି ଉତ୍କଣ୍ଠା

ରାସଗୋବିନ୍ଦପୁର, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ରାସଗୋବିନ୍ଦପୁର ଅଞ୍ଚଳକୁ ଏନଏସି ମାନ୍ୟତା ମିଳିବା ପରେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟକଳାପ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଶା ଓ ଆଗ୍ରହ ବୃଦ୍ଧି ପାଇଛି। ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା ନଗର ଉନ୍ନୟନ ବିଭାଗ ପକ୍ଷରୁ ରାସଗୋବିନ୍ଦପୁର ଏନଏସିର ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଏକ ଅଧିକୃତ ବିଜ୍ଞପ୍ତି ମଧ୍ୟ ଜାରି ହୋଇଛି। ଏଥିସହ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ରାସଗୋବିନ୍ଦପୁର ଏନଏସିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା, ସଫେଇ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଡ୍ରେନେଜ ବ୍ୟବସ୍ଥା ଆଦି ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ମୋଟ ସାଢେ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି। ଏହି ଘୋଷଣା ପରେ ବର୍ତ୍ତମାନ ସୋସିଆଲ ମିଡିଆରେ ରାସଗୋବିନ୍ଦପୁର ଏନଏସିର ନୂତନ କାର୍ଯ୍ୟାଳୟ ଗୃହ ଓ ପ୍ରବେଶ ଦ୍ୱାରର କଥିତ ଏଆଇ ଡିଆରି ଫଟୋ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି। ଏହି ଫଟୋକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା ଆରମ୍ଭ ହୋଇଥିବାବେଳେ କେହି କେହି ଏହାକୁ ଏନଏସିର ଆଗାମୀ କାର୍ଯ୍ୟାଳୟର ପ୍ରକୃତ ନକ୍ସା ବୋଲି ଭାବି ନେଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି ଯେ ସତରେ କଣ ରାସଗୋବିନ୍ଦପୁର ଏନଏସି କାର୍ଯ୍ୟାଳୟ ଗୃହ ଓ ପ୍ରବେଶ ଗେଟ ଏଭଳି ଆକୃତିରେ ନିର୍ମାଣ ହେବ କି ନାହିଁ। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଫଟୋ ସମ୍ପୂର୍ଣ୍ଣ ଗୁଜବ ଅଟେ। ଏନଏସି କାର୍ଯ୍ୟାଳୟ ଗୃହ କେମିତି ନିର୍ମାଣ ହେବ ସେ ସମ୍ବନ୍ଧୀୟ ଅଧିକୃତ ନକ୍ସା ଓ ଡିଜାଇନ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ସମୟରେ ଜାରି କରାଯିବ।

ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳ ବିଜୟୀ

ବାରିପଦା, ୨୪।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ବିଜୟ ହାସଲ କରିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟସ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ୍ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମପୁର ଟିମ ୧୫ ଓଭରରେ ୮ ୱିକେଟ ହରାଇ ମାତ୍ର ୧୦୮ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ୧୦୫ ରନରେ ମ୍ୟାଚକୁ ଜିତି ଏହି ପ୍ରତିଯୋଗିତାରେ ନିଜର ସ୍ଥିତିକୁ ସୁଦୃଢ କରିପାରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିମର ହାତିବନ୍ଧୁ କିସ୍କୁ ୪୨ ବଲରେ ୧୧୮ ରନ କରିଥିଲେ। ଶାନ୍ତନୁ ବେହେରା ୩ଓଭରରେ ୩ରନ ଦେଇ ୪ ଉଇକେଟ ନେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦୀପାଂଶୁ ଦାସ ୩ ଓଭରରେ ୧୮ ରନ ଦେଇ ୩ ୱିକେଟ ନେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଟିମର ମ୍

ସକାଳ
THE SAKALA

ସମ୍ପାଦକୀୟ

କୌଣସି ଦେଶର ଭବିଷ୍ୟତ ବନ୍ଧୁକର ବଳ ଉପରେ ନୁହେଁ, ବରଂ ତା'ର ଶସ୍ୟଭଣ୍ଡାରର ସମୃଦ୍ଧି ଉପରେ ନିର୍ଭର କରେ।

-ଏମ୍ ଏସ୍ ସ୍ୱାମୀନାଥନ୍

ଭେଜାଲ୍‌ର ବଜାର

ଏବେ ଭେଜାଲ୍ ବଜାରର ପରିସର ବଢ଼ିବା ସହିତ ଜନଜୀବନ କ୍ରମଶଃ ଭେଜାଲ୍ ରାକ୍ଷସର ପଞ୍ଜା ମଧ୍ୟରେ ବନ୍ଦୀ ହୋଇଚାଲିଛି। ଏ କଥା ପରୋକ୍ଷରେ ସ୍ୱୀକାର କରିଛନ୍ତି ରାଜ୍ୟ ସରକାର। ବିଧାନସଭାରେ ଭେଜାଲ୍ ସାମଗ୍ରୀ ସମ୍ପର୍କିତ ଏକ ପ୍ରଶ୍ନର ବିଭାଗୀୟ ମନ୍ତ୍ରୀ ଯେଉଁ ଉତ୍ତର ଦେଇଛନ୍ତି ତାହା ସାଧାରଣ ଜନତାଙ୍କ ପାଇଁ ଯେତିକି ଉଦ୍‌ବେଗଜନକ ସରକାରଙ୍କ ଅସହାୟତା ତା'ଠାରୁ ଅଧିକ ଦୁର୍ଭାଗ୍ୟଜନକ। ସାଧାରଣ ଖାଉଟି ସମାଗ୍ରୀରୁ ଅଧିକାଂଶ ଭେଜାଲ୍ ବୋଲି ମନ୍ତ୍ରୀ କହିଛନ୍ତି। ଖାଉଟି ବଜାରକୁ ଭେଜାଲ୍ ମୁକ୍ତ କରି ଖାଉଟିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଏଥିପାଇଁ ସରକାରଙ୍କୁ ସହାୟତା କରିବା ପାଇଁ ବିପୁଳ ପ୍ରଶାସନିକ କଳ ରହିଛି। କିନ୍ତୁ ସରକାରୀ ଉଦାସୀନତା ଏବଂ ନୀତିଗତ ସ୍ଥାଣୁତା କାରଣରୁ ଭେଜାଲ୍ ବଜାରର ପରିସର ବଢ଼ିବାରେ ଲାଗିଛି।

ଜୀବନଧାରଣ ଓ ପୁଷ୍ଟିସାଧନ ପାଇଁ ଆମେ ଯାହା ଖାଦ୍ୟ ଓ ପାନୀୟ ଭାବେ ଗ୍ରହଣ କରୁଛେ ତାହା ଠିକ୍ ତ? ଏ ନିଶ୍ଚିତତା ଆଜିର ଦିନରେ କେହି କରିପାରିବେ ନାହିଁ। କିଛିବର୍ଷ ପୂର୍ବରୁ ତେଲ, ଘିଅ, ମସଲା ଓ ହଳଦିଗୁଣ୍ଡ ଭଳି କେତେକ ହାତଗଣତି ନିର୍ଦ୍ଦିଷ୍ଟ ଉପାଦାନରେ ଭେଜାଲ୍ ବା ଅପମିଶ୍ରଣ ଉଦ୍‌ବେଗଜନକ ଥିଲା। କିନ୍ତୁ ଏବେ ବୋଧହୁଏ ଏଭଳି କ୍ୱଚିତ ସାମଗ୍ରୀ ଥିବ, ଯାହା ଅପମିଶ୍ରିତ ବା ନିର୍ଭେଜାଲ୍ ହୋଇ ନ ଥିବ। ଆହୁରି ଉଦ୍‌ବେଗଜନକ ହେଲା ଏହି ଭେଜାଲ୍ ମାନସିକତା ଜୀବନରକ୍ଷାକାରୀ ଔଷଧ କ୍ଷେତ୍ରକୁ ମଧ୍ୟ ବ୍ୟାପିଛି। ଏ ବିଷୟରେ ଖାଉଟି ଜାଣିବାର ଉପାୟ ନାହିଁ। ଓଡ଼ିଶାରେ ଏହାର ମୁଖ୍ୟ ପେଣ୍ଠ କଟକ ଓ ଜଗତପୁର ହୋଇଥିବା ବେଳେ ଏବେ ଖୋର୍ଦ୍ଧା ଜିଲ୍ଲା ଭେଜାଲ୍ ଉତ୍ପାଦକାରୀ ତାଲିକାରେ ସାମିଲ୍ ହୋଇଛି।

ଆମ ଖାଦ୍ୟ ସୁରକ୍ଷା ଆଇନ ଏତେ ପୁରୁଣା ଯେ ସେଥିରେ ଦୋଷୀମାନଙ୍କ ପାଇଁ ଅତିବେଶୀରେ ମାମୁଲି ଅର୍ଥ ଜୋରିମାନା କିମ୍ବା ଅଳ୍ପ କିଛିମାସର ଜେଲ୍ ଦଣ୍ଡ ବ୍ୟବସ୍ଥା ରହିଛି। ତେଣୁ ଦଣ୍ଡ ଭୋଗିସାରିବା ପରେ ସେମାନେ ପୁଣି ଥରେ ପୁରୁଣା ପେସାକୁ ଫେରିଆସୁଛନ୍ତି। ମାନବ ସମ୍ବଳ ଅଭାବ ହେଉ କିମ୍ବା ସରକାରୀ ଉଦାସୀନତା ଯୋଗୁଁ ହେଉ ଯାଞ୍ଚ ଓ ଧରପଗଡ଼ ହାର ବଢ଼ିବା ବଦଳରେ କମିବାରେ ଲାଗିଛି। ସେହିପରି ଆମ ରାଜ୍ୟରେ ଯାଞ୍ଚକର୍ତ୍ତାଙ୍କ ସଂଖ୍ୟା ବହୁତ କମ୍ ଏବଂ ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ମାତ୍ର ଗୋଟିଏ। ସମସ୍ତ ଜିଲ୍ଲା ଓ ପୌର ପରିଷଦ ଅଞ୍ଚଳରେ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବିଧାନସଭାରେ ମନ୍ତ୍ରୀ ମହୋଦୟ ସୂଚନା ଦେଇଛନ୍ତି। କିନ୍ତୁ ଦ୍ରୁତକ୍ରମବର୍ଦ୍ଧିଷ୍ଣୁ ଭେଜାଲ୍ ବଜାରର କାୟା ଦୃଷ୍ଟିରୁ ଏହା ସମୁଦ୍ରକୁ ଶଙ୍ଖେ ପରି ମନେ ହେଉଛି। ଏଭଳି ସ୍ଥିତିରେ ଖାଉଟିଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ କିପରି?

ମୂଳ କଥା ହେଲା ଭେଜାଲ୍ ବା ଅପମିଶ୍ରଣରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ନୀତି ନିର୍ଦ୍ଧାରକ ସମସ୍ତେ ପୀଡ଼ିତ ହେଉଥିଲେ ମଧ୍ୟ ଏହାର ନିରାକରଣ ପାଇଁ ସେଭଳି ଆନ୍ତରିକତା ପ୍ରକାଶ ପାଉନାହିଁ। ହତ୍ୟା, ବଳାତ୍କାର, ଚୋରି, ଡକାୟତି ଭଳି ଅପମିଶ୍ରଣ ମଧ୍ୟ ଏକ ଗୁରୁତର ମାନବିକତା ବିରୋଧୀ ଜାତୀୟ ଅପରାଧ। ଅନ୍ୟସବୁ ଅପରାଧରେ ପୀଡ଼ିତ ସଂଖ୍ୟା ନିର୍ଦ୍ଦିଷ୍ଟ ଓ ସୀମିତ। କିନ୍ତୁ ଭେଜାଲ୍, ଅପମିଶ୍ରିତ, ବିଷାକ୍ତ ଖାଦ୍ୟ ସାମଗ୍ରୀ କିମ୍ବା ଔଷଧ ଯୋଗୁଁ ହଜାର ହଜାର ଲୋକଙ୍କ ଜୀବନ ପ୍ରତି ଆଶଙ୍କା ସୃଷ୍ଟି ହେଉଛି। ଅପମିଶ୍ରିତ କିମ୍ବା ବିଷାକ୍ତ ଖାଦ୍ୟ ସାମଗ୍ରୀ ଉଭୟ ତତ୍କାଳ ଓ ଦୀର୍ଘକାଳୀନ ଗୁରୁତର ସ୍ୱାସ୍ଥ୍ୟ ଓ ମାନସିକ ସମସ୍ୟା ସୃଷ୍ଟି କରୁଛି। ଅନେକେ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଥିବା ପ୍ରମାଣିତ ହୋଇଛି। ଏଥିରୁ ଆରୋଗ୍ୟ ପାଇଁ ଯେଉଁ ଔଷଧ ସେବନ କରାଯାଉଛି ତାହା ମଧ୍ୟ ଅପମିଶ୍ରିତ, ବିଷାକ୍ତ କିମ୍ବା ନିମ୍ନମାନର। ବିଡ଼ମ୍ବନା ହେଉଛି ନା ତ ଏହି ଗୁରୁତର ପ୍ରସଙ୍ଗ କେବେ ରାଜନୈତିକ ପ୍ରସଙ୍ଗ ହୋଇଛି ନା ଏହା ଉପରେ ସଂସଦ କିମ୍ବା ବିଧାନସଭାରେ ଆଲୋଚନା ହେଉଛି। ସୁଖର କଥା ଆମ ବିଧାନସଭାରେ ଚଳିତ ଅଧିବେଶନରେ ଏ ସମ୍ପର୍କିତ ପ୍ରଶ୍ନ ଉଠିଛି ଏବଂ ବିଭାଗୀୟ ମନ୍ତ୍ରୀ କେବଳ ପରିସଂଖ୍ୟାନ ଦେଇ ନିଜ କର୍ତ୍ତବ୍ୟ ସାରିଦେଇଛନ୍ତି। ଏହାର ନିରାକରଣ ଦିଗରେ ସରକାର କ'ଣ କଠୋର ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଯାଉଛନ୍ତି ସେ ବିଷୟରେ କହି ନାହାନ୍ତି।

ଏବେ ସମୟ ଆସିଛି ଏ ସମ୍ପର୍କିତ ଆଇନକୁ ଅଧିକ କ୍ରିୟାଶୀଳ କରିବା ସହିତ ଦଣ୍ଡବିଧାନ କଠୋର କରିବାକୁ ହେବ। ଅପମିଶ୍ରଣକାରୀଙ୍କୁ ଗଣହତ୍ୟାକାରୀ ଭାବେ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡର ପ୍ରାବଧାନ କରିବାକୁ ପଡ଼ିବ। ଯେଉଁମାନଙ୍କର ବିବେକ ମରିସାରିଛି ସେମାନଙ୍କ କାର୍ଯ୍ୟକଳାପ ବିରଳ ଅପରାଧ ପଦବାଚ୍ୟ ଏବଂ ମାନବ ସଭ୍ୟତା ପ୍ରତି ବିପଦ। ତେଣୁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବା ସପକ୍ଷରେ ଯୁକ୍ତି ଅତିଶୟୋକ୍ତି ହେବ ନାହିଁ। ଦେଶର ସବୁଠାରୁ ଗରିବ ଲୋକଠାରୁ ଆରମ୍ଭ କରି ଦେଶର ଶାସନ ଓ ପ୍ରଶାସନ ମୁଖ୍ୟ, ଆଇନ୍ ପ୍ରଣୟନକାରୀ ଓ ବିଚାର ବିଭାଗୀୟ ଅଧିକାରୀମାନେ ମଧ୍ୟ ଏଭଳି ସମସ୍ୟାର ଶିକାର ହେଉଥିବାରୁ ଏ ଦିଗରେ ଜାତୀୟ ବିତର୍କ ହେବା ଆବଶ୍ୟକ। ସଂସଦରେ ସର୍ବସମ୍ମତ ସଂକଳ୍ପ ଆଣି ଅପମିଶ୍ରଣକାରୀଙ୍କ ବିରୋଧରେ ଦଣ୍ଡବିଧାନକୁ କଠୋର କରିବାର ସମୟ ଉପନୀତ।

ଖାଦ୍ୟର ସମାଜଶାସ୍ତ୍ର

ପ୍ରଣତି ଆଚାର୍ଯ୍ୟ ମିଶ୍ର

ବିଶ୍ୱ ଆଜି ଏପରି ସ୍ଥିତିରେ ଠିଆ ହୋଇଛି, ଯେଉଁଠାରେ ପ୍ରଗତି ଓ ପ୍ରଯୁକ୍ତିର ଚମକ ମଧ୍ୟରେ ଖାଦ୍ୟ ଭଳି ମୌଳିକ ଆବଶ୍ୟକତା ଗୁରୁତ୍ୱହୀନ ହୋଇପଡ଼ିଛି। ମିଳିତ ଜାତିସଂଘର ସଦ୍ୟତମ ରିପୋର୍ଟ ପ୍ରକାଶ କରିଛି ଯେ ବିଶ୍ୱ ଜନସଂଖ୍ୟାର ୪୨ ପ୍ରତିଶତ ଲୋକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ। ଏହା କେବଳ ଦାରିଦ୍ର୍ୟର ପରିସଂଖ୍ୟାନ ନୁହେଁ, ବରଂ ବିଶ୍ୱ ନୀତି, ବଜାର ବ୍ୟବସ୍ଥା ଓ ଆର୍ଥିକ ଅସମାନତାର ପ୍ରତିଫଳନ, ଯାହା ଆମ ସାମୂହିକ ବିଫଳତାକୁ ପ୍ରକାଶ କରେ।

ଆଫ୍ରିକା, ଦକ୍ଷିଣ ଏସିଆ ଓ ଲାଟିନ୍ ଆମେରିକାର ଅନେକ ଦେଶ ଖାଦ୍ୟାଭାବ ଦ୍ୱାରା ସର୍ବାଧିକ ପ୍ରଭାବିତ। ଉପ-ସାହାରା ଆଫ୍ରିକାର ପରିସ୍ଥିତି ଏତେ ଭୟଙ୍କର ଯେ ଜନସଂଖ୍ୟାର ୬୦ ରୁ ୮୦ ପ୍ରତିଶତ ଖାଦ୍ୟ କିଣି ପାରନ୍ତି ନାହିଁ। ୟୁରୋପ, ଅଷ୍ଟ୍ରେଲିଆ ଓ ଉତ୍ତର ଆମେରିକା ଭଳି ଅଞ୍ଚଳରେ ଖାଦ୍ୟ ଉପଲବ୍ଧତା ଭଲ ଥିବା ବେଳେ ଅସନ୍ତୁଳିତ ଖାଦ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ଓ ମେଦବହୁଳତା ଭଳି ସମସ୍ୟା ସ୍ୱାସ୍ଥ୍ୟ ପାଇଁ ନୂତନ ଆହ୍ୱାନ ସୃଷ୍ଟି କରୁଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ସାରା ବିଶ୍ୱରେ ଶାରୀରିକ ଭାବେ ଦୁର୍ବଳ ପିଲାମାନଙ୍କ ପାଇଁ ଛୋଟ ଛୋଟ ସଂକ୍ରମଣ ରୋଗ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି। ଏହି କାରଣରୁ ୨୦୨୩ ମସିହାରେ ପାଞ୍ଚ ବର୍ଷରୁ କମ୍ ବୟସର ପ୍ରାୟ ୮ ଲକ୍ଷ ଶିଶୁ ନିମୋନିଆ, ମ୍ୟାଲେରିଆ, ମିଳିମିଳା ଓ ଡାଇରିଆ ଭଳି ରୋଗରେ ମୃତ୍ୟୁବରଣ କରିଥିଲେ।

ଭାରତର ବିକାଶ ଢାଞ୍ଚା ଦୃଢ଼ ଦେଖାଯାଉ ଥାଇପାରେ। କିନ୍ତୁ ମୂଳଦୁଆରେ ଅଭାବ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଭାରତରେ ଭୋଜନ ଆଉ ପୋଷଣ ବିପରିତଧର୍ମୀ ପରି ମନେହୁଏ। ଗ୍ରାମୀଣ ଭାରତରେ ଏବେ ବି କୁପୋଷଣ, ରକ୍ତହୀନତା ଓ କମ୍ ଓଜନର ସ୍ତର ଉଚ୍ଚ ରହିଛି। ଶିଶୁ ଓ ମହିଳାଙ୍କ ପୁଷ୍ଟିକର ସ୍ଥିତି ବିଶେଷ ଚିନ୍ତାର ବିଷୟ। ଅନ୍ୟପକ୍ଷରେ ସହରାଞ୍ଚଳ ଭାରତରେ ଖାଦ୍ୟ ଉପଲବ୍ଧ ହେଲେ ମଧ୍ୟ ଏହାର ଗୁଣବତ୍ତା ସମସ୍ୟାପୂର୍ଣ୍ଣ। ସମୟର ସୀମା, କାର୍ଯ୍ୟଚାପ ଯୋଗୁଁ ଦ୍ରୁତଗତିରେ ବଜାର-ଚାଳିତ ପ୍ୟାକେଜ୍‌ଡ ଖାଦ୍ୟ, ଜଙ୍କଫୁଡ୍ ଓ ମିଠା ପାନୀୟ ଦୈନନ୍ଦିନ ଖାଦ୍ୟର ଅଂଶ ହୋଇଛି। ଗୋଟିଏ ପଟେ କୁପୋଷଣ ଏବଂ ଅନ୍ୟପଟେ ମେଦବହୁଳତା ଉଭୟ ସ୍ୱାସ୍ଥ୍ୟ ସଙ୍କଟକୁ ଜଟିଳ କରିଛି।

ଭାରତୀୟ ରୋଷେଇ ଘରେ ମୁଦ୍ରାସ୍ଫୀତିର ପ୍ରଭାବ ଚିନ୍ତାର ବିଷୟ। ଡାଲି, ଖାଦ୍ୟ ତେଲ, ଫଳ, ପନିପରିବା ଓ କ୍ଷୀର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟରେ ନିରନ୍ତର ବୃଦ୍ଧି ସନ୍ତୁଳିତ ଖାଦ୍ୟର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିଛି। ହାରାହାରି ଭାରତୀୟ ପରିବାରର ମାସିକ ଆୟର ଏକ ବଡ଼ ଅଂଶ କେବଳ କ୍ୟାଲୋରୀ-ଆଧାରିତ ଖାଦ୍ୟରେ ଖର୍ଚ୍ଚ ହୁଏ। ଯାହା ଫଳରେ ପୁଷ୍ଟିକର ଖାଦ୍ୟ ସେମାନଙ୍କ ପ୍ଲେଟ୍ ବାହାରେ ରହେ। ଏହି ପରିସ୍ଥିତି ସୂଚାଇ ଦିଏ ଯେ ଖାଦ୍ୟ କେବଳ ବଜାର ଅର୍ଥନୀତିର ବିଷୟହେବା ଉଚିତ୍ ନୁହେଁ, ବରଂ ଏହାକୁ ଏକ ସାମାଜିକ ସୁରକ୍ଷା ଅଧିକାର ଭାବରେ ଦେଖାଯିବା ଉଚିତ।

ଭାରତର କୃଷି ଅଧିକାଂଶ ମୌସୁମୀ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ଅସ୍ୱାଭାବିକ ବର୍ଷା, ମରୁଡ଼ି, ବନ୍ୟା ଓ ତାପମାତ୍ରା ପରିବର୍ତ୍ତନ ଫସଲ ଉତ୍ପାଦନକୁ ପ୍ରଭାବିତ କରୁଛି, ଯାହା ବଜାର ମୂଲ୍ୟକୁ ବୃଦ୍ଧି କରେ। ଭାରତର ଖାଦ୍ୟ ବ୍ୟବସ୍ଥା ମୁଖ୍ୟତଃ ଗହମ ଓ ଚାଉଳ ଉପରେ ଧ୍ୟାନ ଦିଏ। ଫଳ, ପନିପରିବା, ଡାଲି, ଅଣ୍ଡା ଓ କ୍ଷୀର ପରି ଉପାଦାନଗୁଡ଼ିକ ସାଧାରଣ ବଣ୍ଟନ ବ୍ୟବସ୍ଥାର ଅଂଶ ହେବାରେ ମୁଖ୍ୟତଃ ବିଫଳ ହୋଇଛି। ଫଳସ୍ୱରୂପ ମଧ୍ୟାହ୍ନ ଭୋଜନ ଭଳି ଅନ୍ୟାନ୍ୟ ଯୋଜନା ଖାଦ୍ୟ ଯୋଗାଇଥାଏ ସତ; କିନ୍ତୁ ସମ୍ପୂର୍ଣ୍ଣ ପୌଷ୍ଟିକତା ସୁନିଶ୍ଚିତ କରିବାରେ ବିଫଳ ହୁଏ।

ବିଶ୍ୱର ଅନେକ ଦେଶ ଖାଦ୍ୟକୁ ଜାତୀୟ ବିକାଶର କେନ୍ଦ୍ର କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବ୍ରାଜିଲର 'ଶୂନ୍ୟଭୋକ' ଅଭିଯାନ ଏକ ପ୍ରମୁଖ ଉଦାହରଣ। ସ୍ଥାନୀୟ କୃଷି, ରିହାତି ଓ ପୁଷ୍ଟିକର କାର୍ଯ୍ୟକ୍ରମ ମାଧ୍ୟମରେ ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛି। ଜାପାନର 'ଶୋକୁ ଇକୁ' ନୀତି ଅଧୀନରେ ପିଲାମାନଙ୍କୁ ଖାଦ୍ୟର ବିଜ୍ଞାନ ଶିକ୍ଷା ଦିଆଯାଏ। ଏହା ଗୁରୁତ୍ୱ ଦିଏ ଯେ ଖାଦ୍ୟ କେବଳ ଏକ ସାମଗ୍ରୀ ନୁହେଁ, ବରଂ ସଂସ୍କୃତି, ବୁଝାମଣା ଓ ସ୍ୱାସ୍ଥ୍ୟର ମୂଳଦୁଆ। ଦକ୍ଷିଣ କୋରିଆରେ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ନିୟନ୍ତ୍ରଣ କରି ଜୀବନଶୈଳୀ ପରିବର୍ତ୍ତନପୂର୍ବକ ରୋଗ ହ୍ରାସ କରାଯାଇପାରୁଛି। ଭାରତ ଏଥିରୁ ଶିଖିବା ଆବଶ୍ୟକ।

କୁପୋଷଣ କାର୍ଯ୍ୟଦକ୍ଷତା, ଶିକ୍ଷା ଓ ଉତ୍ପାଦନକ୍ଷମତାକୁ ପ୍ରଭାବିତ କରେ। ଦୁର୍ବଳ ଓ ପୁଷ୍ଟିହୀନ ପିଲାମାନେ ସ୍କୁଲରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି। ପୁଷ୍ଟିହୀନ ଯୁବକମାନେ ସମାଜରେ ସକ୍ରିୟ ଯୋଗଦାନ ଦେବାରୁ ବଞ୍ଚିତ ହୁଅନ୍ତି। ଏହା ବୁଝିବା ଜରୁରୀ ଯେ ଖାଦ୍ୟ ଏକ ଆର୍ଥିକ ସାମଗ୍ରୀ ନୁହେଁ। ଏହା ସମାନତା ଓ ମାନବାଧିକାରର ଏକ ମୌଳିକ ଉପାଦାନ। ଭାରତର ପୁଷ୍ଟିକର ସଙ୍କଟକୁ ବୁଝିବା ପାଇଁ ଆମକୁ ଜାଣିବାକୁ ହେବ ଏକ ସୁସ୍ଥ ପ୍ଲେଟ୍ ପ୍ରକୃତରେ କ'ଣ? ଏହା ଦୁଃଖର କଥା ଯେ ଭାରତରେ ଲକ୍ଷ ଲକ୍ଷ ପିଲାଙ୍କ ପାଖରେ ଏବେ ବି ଜରୁରୀ ଖାଦ୍ୟର ଅଭାବ ରହିଛି, ଯାହା ସେମାନଙ୍କ ସମଗ୍ର ଜୀବନକୁ ପ୍ରଭାବିତ କରେ। ମହିଳାମାନଙ୍କୁ ଅଧିକ ପରିମାଣର ଲୌହ, ଫୋଲିକ୍ ଏସିଡ୍, କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଆବଶ୍ୟକ ହୁଏ। ବୟସ୍କମାନଙ୍କ ପାଇଁ ଓମେଗା-୩, ଫାଇବର, ଭିଟାମିନ ବି, କ୍ୟାଲସିୟମ୍ ଅତ୍ୟନ୍ତ ଜରୁରୀ, ଯାହା ସେମାନଙ୍କୁ ହୃଦରୋଗ, ମଧୁମେହ, ହାଡ଼ କ୍ଷୟ ଓ ପାଚନ ସମସ୍ୟାରୁ ରକ୍ଷା କରିଥାଏ।

ଅଙ୍ଗନୱାଡି ଓ ସ୍କୁଲ ଡାଇନିଂ ରୁମକୁ ଦେଶର ପିଲାମାନଙ୍କ ପୁଷ୍ଟି ସାଧନର ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଏ। କିନ୍ତୁ ସେମାନଙ୍କର ଅବସ୍ଥା ବିଷୟରେ ସମସ୍ତେ ଅବଗତ। ଆଜି ଭାରତ ସାମ୍ନାରେ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଖରେ ଗୁଣାତ୍ମକ ଖାଦ୍ୟ ପହଞ୍ଚୁଛି କି ନାହିଁ। ଭାରତୀୟ କୃଷିରେ କୀଟନାଶକ ଓ ରାସାୟନିକ ପଦାର୍ଥର ବର୍ଦ୍ଧିତ ବ୍ୟବହାର ପୁଷ୍ଟିସଙ୍କଟର ଆଉ ଏକ ଅଦୃଶ୍ୟ କାରଣ। ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରାସାୟନିକ ପଦାର୍ଥର ସୂକ୍ଷ୍ମ ଅବଶେଷ ଖାଦ୍ୟରେ ରହିଥାଏ, ଯାହା ପିଲାମାନଙ୍କ ମଧ୍ୟରେ ସ୍ନାୟୁଗତ ସମସ୍ୟା, ମହିଳାମାନଙ୍କ ମଧ୍ୟରେ ହରମୋନ ଅସନ୍ତୁଳନ ଏବଂ ବୟସ୍କମାନଙ୍କ ମଧ୍ୟରେ କର୍କଟ ଓ ବୃକକ୍ ରୋଗର ବିପଦ ଆଶଙ୍କା ବୃଦ୍ଧି କରେ।

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଏହି କ୍ଷେତ୍ରରେ ନା କଠୋର ତଦାରଖ ଅଛି ନା ଚାଷୀମାନଙ୍କୁ ସୁରକ୍ଷିତ ବିକଳ୍ପ ବିଷୟରେ ପର୍ଯ୍ୟାପ୍ତ ସୂଚନା ଦିଆଯାଉଛି। ଜୈବିକ କୃଷି ଓ କମ୍ ରାସାୟନିକ କୃଷି ଭଳି ବିକଳ୍ପ ବିଷୟରେ ଆଲୋଚନା କରାଯାଉଥିଲେ ମଧ୍ୟ ଭୂମିରେ ସେମାନଙ୍କର ପହଞ୍ଚ ନଗଣ୍ୟ। ଯଦି ରାଷ୍ଟ୍ରଗୁଡ଼ିକ ଏକ ଦୃଢ଼, ସକ୍ଷମ ଓ ସୁସ୍ଥ ଭବିଷ୍ୟତ ଚାହାନ୍ତି, ତେବେ ଖାଦ୍ୟକୁ ବଜାରର ସାମଗ୍ରୀ ନୁହେଁ ବରଂ ସାର୍ବଜନୀନ ଅଧିକାର ଘୋଷଣା କରିବାକୁ ପଡ଼ିବ। ତେବେ ଯାଇ ବିକାଶର ମୂଳଦୁଆ ଦୃଢ଼ ହେବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

ସର୍ବଂସହାଙ୍କ ପ୍ରତି ଅକୃତଜ୍ଞ କାହିଁକି?

ଡକ୍ଟର ଅଭିମନ୍ୟୁ ବରାଳ

ମା' ହେଉଛି ତ୍ୟାଗର ମୂର୍ତ୍ତିମନ୍ତ ସରୋବର ଏବଂ ସ୍ନେହ ମମତାର ମୂର୍ତ୍ତିମତୀ ପାରାବାର। ସେଠାରେ ପୂରି ରହିଛି ଦୟା, କ୍ଷମା, କରୁଣା, ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଓ ଆନ୍ତରିକତା। ସନ୍ତାନମାନଙ୍କ ପାଇଁ ମା' କୋଳ ନିର୍ଭରଯୋଗ୍ୟ ସ୍ଥାନ। 'ମା' କୋଳେ ଛୁଆ ଦୁନିଆ ଡରେନା'। ମା'ନିଜେ ନଖାଇ ସନ୍ତାନ ପେଟକୁ ପୂରାଇଥାଏ। ଭୋକ ପେଟରେ ମଧ୍ୟ ମା' ମୁଖ ପ୍ରଫୁଲ୍ଲ ଦିଶୁଥାଏ। ନିଜର ସୁଖକୁ ତ୍ୟାଗ କରି ସର୍ବଦା ଯିଏ ସନ୍ତାନର ସୁଖକୁ ଗୁରୁତ୍ୱ ଦେଇଥାଏ, ସେ ହେଉଛି ମା'। ତେଣୁ ଓଡ଼ିଆ କବି ଯଥାର୍ଥରେ କହିଛନ୍ତି- 'ମା ବୋଲି ଯେଉଁ ନାଆଁଟି କିଏ ବାଛିଲା ସତେ, ତା'କୁ ବଳି ଆଉ ମଧୁର କିଛି ଲୋଗେ ମୋତେ।' ଗରିବ ଘରର ମା'ଟିଏ ଶୀତଦିନେ ସନ୍ତାନକୁ କୋଳରେ ଧରି ଶୋଇଥିବା ସମୟରେ ପିଲାଟି ପରିସ୍ରା କରିଦିଏ। ସବୁ ଓଦା ହୋଇଯାଏ। ମା' ନିଜ ଦେହକୁ ଓଦା ଲୁଗାରେ ଢାଙ୍କି ରଖି ପୁଅଟିକୁ ଶୁଖିଲା ବସ୍ତ୍ରରେ ଶୁଆଏ। କାଳେ ମୋ ପୁଅଟିକୁ ଶୀତ ହେବ! ନିଜ ଭାଙ୍ଗିଯିବ! ମା' ନିଜେ ଛିଣ୍ଡା ଚିରା ଲୁଗା ପିନ୍ଧି ସର୍ବଦା ସନ୍ତାନଙ୍କୁ ଭଲ ବସ୍ତ୍ର ପିନ୍ଧାଉଥାଏ।

ମା' ଶବ୍ଦଟିର ବିକଳ୍ପ ନାହିଁ। ମା' ହେଉଛି ସ୍ନେହ, ଦୟା, କରୁଣା, ତିତିକ୍ଷାର ମୂର୍ତ୍ତିମତୀ ଦେବୀ। ତେଣୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ କହିଛନ୍ତି - 'କହ ଦୁନିଆରେ କିଏ ମା' ଭଳି, ମା ସିନା ଅଟେ ସରଗରୁ ବଳି / ମା'ର ସେନେହ ମା'ର ଆଦର, ମା'ର କଅଁଳ ଡାକଟି ମଧୁର / ଆମ ରୋଗ ଶୋକେ ଦିନରାତି ବସି, ମା' ସିନା ଦେଉଥାଏ ଆଉଁଷି / ବାର ଓଷା ପାଳି ପୂନିଅଁ ପରବ, କିଏ ଆମ ପାଇଁ ଶୁଭ ମନାସିବ? / ଦେଖି ଦେଲେ ଆମ ଭୋକ ଶୁଖା ମୁହଁ, ମା' ଆଖିରେ ଭରି ଉଠେ ଲୁହ / ମା' ହାତବଢ଼ା ତୁଚ୍ଛା ଭାତଥାଳି, ଲାଗଇ ସୁଆଦ ଅମୃତରୁ ବଳି।' ମା' ହେଉଛି ବାସ୍ତବରେ ଏକ ପ୍ରଦୀପ, ଯିଏ ନିଜେ ଜଳି ଜଗତକୁ ଆଲୋକିତ କରେ। ମା' ମଙ୍ଗଳମୟୀ, ମା' କଲ୍ୟାଣମୟୀ। ସମସ୍ତଙ୍କ କଲ୍ୟାଣ ପାଇଁ ତା'ର ସୃଷ୍ଟି। ସେ ଦିବ୍ୟଜନନୀ। ଆଚାର୍ଯ୍ୟଶଙ୍କର କହିଛନ୍ତି, 'କୁପୁତ୍ର ଯାୟତେ କ୍ୱଚିଦପି କୁମାତା ନ ଭବତି।' ଜଗତରେ ଖରାପ ପୁଅ ସୃଷ୍ଟି ହୋଇପାରେ। କିନ୍ତୁ ଖରାପ ମା' କେବେ ହୁଏ ନାହିଁ। ମା'ର ମାତୃତ୍ୱ ସମସ୍ତଙ୍କ ପାଇଁ ସମାନ। ପରିବାରର ସମସ୍ତଙ୍କୁ ସୁଖ ପ୍ରଦାନ କରି ଯେ ଅପାର ଆନନ୍ଦ ଲାଭ କରନ୍ତି ସେ ହେଉଛି ମା'। କୌଣସି ପ୍ରାପ୍ତି ଆଶା ନ ରଖି ଯିଏ ସାରା ଜୀବନ ସନ୍ତାନଙ୍କୁ ସୁଖ ପ୍ରଦାନ କରିଚାଲେ ସେ ହେଉଛି ମା'। ନିଜ ସୁଖ ସ୍ୱଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସନ୍ତାନମାନଙ୍କ ସୁଖରେ ଆନନ୍ଦିତ ହୁଏ। ନିଜେ ଉପାସ ରହି ଯେ ପିଲାମାନଙ୍କ ପେଟ ପୂରାଇବାକୁ ସର୍ବଦା ତତ୍ପର

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପରତା

ରତ୍ନ ଅଳଙ୍କାର ଗଣତିମଣତି ଏସ୍‌ଓପି ଚୂଡ଼ାନ୍ତ

- ୧୪ ପୃଷ୍ଠାର ମାର୍ଗଦର୍ଶିକାକୁ ସରକାରଙ୍କର ଅନୁମୋଦନ
- ଶୁଭ ମୁହୂର୍ତ୍ତ ଓ ଦିନ ଧାର୍ଯ୍ୟ କରିବ ପରିଚାଳନା କମିଟି
- ୧୯୭୮ ମସିହା ତାଲିକା ସହ ହେବ ମେଳକ
- ୨ଟି ଟିମ୍ ତତ୍ତ୍ୱାବଧାରକ ଓ କାର୍ଯ୍ୟବାହୀ ଦଳ ଗଠିତ

ପୁରୀ, ୨୪।୨ (ସମିସ): କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର? ଏହାକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଥିବା ବେଳେ ୩ ମାସ ମଧ୍ୟରେ ଗଣତିମଣତି ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପରତା ପ୍ରକାଶ ପାଇଛି। ରତ୍ନ ଅଳଙ୍କାରର ଗଣତିମଣତି ପାଇଁ ପୂର୍ବରୁ ପ୍ରସ୍ତୁତ ମାର୍ଗଦର୍ଶିକା ତଥା ଏସ୍‌ଓପିକୁ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ଏହି ମାର୍ଗଦର୍ଶିକା ଅନୁଯାୟୀ ମହାପ୍ରଭୁଙ୍କର ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ଏ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଣତିମଣତି କେଉଁ ପ୍ରକ୍ରିୟାରେ ହେବ, ତାହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସେହିପରି ଗଣତିମଣତିରେ କେଉଁ ଅଧିକାରୀଙ୍କ କ'ଣ ଦାୟିତ୍ୱ ରହିବ, ସେନେଇ ମଧ୍ୟ ଦାୟିତ୍ୱ ବଣ୍ଟନ କରାଯାଇଛି। ଆସନ୍ତା ସପ୍ତାହରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସି କେବେ ଏବଂ କେଉଁ ତିଥିରେ ଗଣତିମଣତି କରାଯିବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ରତ୍ନଭଣ୍ଡାରକୁ ପ୍ରବେଶ ପାଇଁ ଶୁଭ ମୁହୂର୍ତ୍ତ ଓ ଦିନ ନିର୍ଦ୍ଧାରଣ କରାଯିବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଦୁଇଟି ଟିମ୍ ଗଠନ ହେବ। ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟନିର୍ବାହୀ ବା ହ୍ୟାଣ୍ଡଲିଂ ଟିମ୍। ତତ୍ତ୍ୱାବଧାରକ ଟିମ୍‌ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦଳପତି ଏବଂ ୩ ଜଣ ସଦସ୍ୟ ରହିବେ। ସେହିପରି କାର୍ଯ୍ୟନିର୍ବାହୀ ଦଳରେ ୧୦ ଜଣ ସଦସ୍ୟ ରହିବେ। ସୁପରଭାଇଜିଂ ଟିମ୍‌ରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ୨ ସଦସ୍ୟଙ୍କ ସହିତ ରତ୍ନଭଣ୍ଡାର ସବ୍ କମିଟିର ଜଣେ ସେବକ ପ୍ରତିନିଧି ରହିବେ। କାର୍ଯ୍ୟନିର୍ବାହୀ ଦଳରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବା ଉପମୁଖ୍ୟ ପ୍ରଶାସକ ଏବଂ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଦଳପତି ରହିବେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସେବାୟତ ପ୍ରତିନିଧି, ରାଷ୍ଟ୍ରାୟତ ବ୍ୟାଙ୍କର ୨ ଜଣ ବଣିଆ, ଶ୍ରୀମନ୍ଦିରର ଜଣେ ବଣିଆ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ଦେଉଳକରଣ, ତଡ଼ଉକରଣ ଏହି ଦଳରେ ରହିବେ।

ଉଭୟଦଳ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ସମ୍ପାଦନ କରିବେ। ମହାପ୍ରଭୁଙ୍କର ଅନେକ ମୋତି ମାଣିକ୍ୟ ରହିଥିବାରୁ ତାହାର ଯାଞ୍ଚ ପାଇଁ ମଧ୍ୟ ୨ ଜଣ ଏକ୍ସପୋର୍ଟଙ୍କୁ ନିୟୋଜିତ କରାଯିବ। ଆର୍‌ବିଆଇର ୨ ଜଣଙ୍କ ମଧ୍ୟରୁ ପ୍ରକ୍ରିୟାରେ ଜଣେ ଅଧିକାରୀ ରହିବେ। ଦୁଇଜଣ ଏକ୍ସପର୍ଟ ଫଟୋଗ୍ରାଫର୍ ଏବଂ ଭିଡିଓଗ୍ରାଫର୍ ଉପସ୍ଥିତ ରହି ଗଣତିମଣତି କାର୍ଯ୍ୟକୁ ଫଟୋଗ୍ରାଫି କରିବା ସହିତ ଭିଡିଓଗ୍ରାଫି କରିବେ। ସମସ୍ତ ରତ୍ନ ଅଳଙ୍କାରକୁ ନେଇ ଏକ ଡିଜିଟାଲ କ୍ୟାଟ୍‌ଲଗ୍ ତିଆରି କରାଯିବ, ଯାହାକି ଆଗାମୀ ଦିନରେ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟରେ ବେଶ୍ ସହାୟକ ହେବ। ୧୯୭୮ ମସିହାରେ ପାଖାପାଖି ୭୨ ଦିନ ଗଣତିମଣତି ଚାଲିଥିଲା। ୧୯୮୨ ଓ ୧୯୮୫ ମସିହାରେ ରତ୍ନଭଣ୍ଡାରରୁ ଯାହା ବାହାରିଥିଲା, ତା'ର ତାଲିକା ମଧ୍ୟ ରହିଛି। ୧୯୭୮ ମସିହାରେ ପ୍ରସ୍ତୁତ ତାଲିକା ସହ ମେଳକ କରାଯିବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ପରେ ବାହାର ରତ୍ନଭଣ୍ଡାର ଓ ଶେଷରେ ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ଭିତର ରତ୍ନଭଣ୍ଡାରର ଚାବି ପ୍ରତ୍ୟେକ ଦିନ ଗଣତିମଣତି ପରେ ଜିଲ୍ଲା ଟ୍ରେଜେରୀରେ ଚାବିକୁ ରଖାଯିବ। ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ତଥ୍ୟ ଗୋପନୀୟତା ରହିବ। ଯେଭଳି ବାହାରେ ପ୍ରକାଶ ନ ହୁଏ, ସେଥିପାଇଁ ସମସ୍ତେ ଅଙ୍ଗୀକାରବଦ୍ଧତା ସାର୍ଟିଫିକେଟ୍ ଦେବେ। କୌଣସି ପ୍ରକାର ନିୟମ ବିଚ୍ୟୁତି କାମ କରିବେ ନାହିଁ।

ଗଣତିମଣତି ପରେ ଏହାକୁ ଡିଜିଟାଇଜେସନ କରାଯିବ। ସୁନା, ରୁପା, ମୋତି, ମାଣିକ ରଖିବା ପାଇଁ ଅଲଗା ଅଲଗା ସିନ୍ଦୁକ ମଧ୍ୟ କରାଯାଇଛି। ପ୍ରତ୍ୟେକ ଦିନ ଗଣତିମଣତି ପରେ ଉପସ୍ଥିତ ଥିବା ସଦସ୍ୟମାନେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକ ଦସ୍ତାବିଜ୍‌ରେ ଦସ୍ତଖତ କରିବେ। ଗଣତିମଣତି ସମୟରେ ସିସିଟିଭି ଲଗାଯିବ। ଏସ୍‌ଓପି ଅନୁଯାୟୀ ଯେଉଁ ଦିନ ରତ୍ନ ଅଳଙ୍କାର ଗଣତିମଣତି କରାଯିବ, ସେହିଦିନ ଭକ୍ତମାନେ କେବଳ ବାହାର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ଥିବା ସମ୍ପୃକ୍ତ ପାଲିଆ ସେବକ କେବଳ ମନ୍ଦିରରେ ପ୍ରବେଶ କରିବେ। ଗଣତିମଣତି ବେଳେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କ ପାଇଁ ଏସ୍‌ପି ପରିଚୟପତ୍ର ପ୍ରଦାନ କରିବେ। ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ପ୍ରବେଶ କରିବା ସହ ସାଙ୍ଗରେ କୌଣସି ପ୍ରକାର ଜିନିଷ ନେଇପାରିବେ ନାହିଁ।

ଗଣତିମଣତି ସୂଚାରୁ ରୂପେ ସମ୍ପାଦନ ପାଇଁ ଆଲୋକୀକରଣ, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ସହିତ ସିସିଟିଭି ବ୍ୟବସ୍ଥା କରାଯିବ। ସେହିପରି ଠାକୁରଙ୍କ ବିଭିନ୍ନ ନୀତି ବହୁଳ ଦିନ, ବିଭିନ୍ନ ପର୍ବପର୍ବାଣୀ, ଶନିବାର, ରବିବାର ଏବଂ ଭକ୍ତଙ୍କ ଭିଡ଼ ଦିନରେ ଗଣତିମଣତି ବନ୍ଦ ରଖାଯିବ। ତେବେ ଆଗାମୀ ନୀଳାଦ୍ରିବିଜେ ପୂର୍ବରୁ ସମସ୍ତ ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଶେଷ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ପିଲାଚୋର ସନ୍ଦେହରେ ଯୁବକକୁ ପିଟିପିଟି ହତ୍ୟା ଘଟଣା

୫ଟି ଗାଁର ୧୧ଜଣଙ୍କୁ ଉଠାଇନେଲା ପୁଲିସ

- ଥାନା ଫାଟକ ବନ୍ଦ କରି ରାସ୍ତାରୋକ କଲେ ଗ୍ରାମବାସୀ
- ଭିଡିଓ ଆଧାରରେ ଅଟକ ରଖାଯାଇଛି: ଏସ୍‌ଡିପିଓ

ମୋରଡ଼ା, ୨୪।୨ (ସମିସ): ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାରେ ମୋରଡ଼ା ଥାନା ପୁଲିସ ଗତରାତିରେ ଡେଙ୍ଗାଷୋଳ ସମେତ ଆଖପାଖ ୫ଟି ଗ୍ରାମର ୧୧ଜଣଙ୍କୁ ଉଠାଇ ନେଇଛି। ଅଟକ ଥିବା ବ୍ୟକ୍ତିମାନେ ହେଲେ, ସମାଇଡ଼ିହି ଗ୍ରାମର ମାନ ଟୁଡୁ, ବାବୁଲୁ ମାରାଣ୍ଡି, ସୁନାରାମ ମାରାଣ୍ଡି, ହାଣ୍ଡିଭଙ୍ଗା ଗ୍ରାମର ରାମଦାସ ହାଁସଦା, ମୋହନ ହାଁସଦା, ଡେଙ୍ଗାଷୋଳ ଗ୍ରାମର ରାଇସେନ୍ ଟୁଡୁ, ଶିବ ମାଝୀ, ପାଡୁଆ ମାଝୀ, ପାଣ୍ଡୁ ମାଝୀ ଓ ମାହାଲିସାହି ଗ୍ରାମର ଖୁଦିରାମ ମୁର୍ମୁ, ଜଟିରାମ ମାହାଲି। ପୁଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅପରପକ୍ଷେ, ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଅଟକ ଥିବା ବ୍ୟକ୍ତିଙ୍କ ପରିବାରର ମହିଳାମାନେ ଆଜି ମୋରଡ଼ା ଥାନା ଫାଟକ ବନ୍ଦ କରି ରାସ୍ତାରୋକ କରିଛନ୍ତି। ପାଞ୍ଚଟି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଥାନାକୁ ଆସି ଅଟକ ଥିବା ନିଜ ଲୋକଙ୍କୁ ଭେଟିବେ ବୋଲି କହିଥିଲେ। କିନ୍ତୁ, ସେ ସମୟରେ ଥାନାଧିକାରୀ ସୁମିତ କୁମାର ସରେନ ନଥିବାରୁ ଅଟକ ଥିବା ଲୋକଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରିନଥିଲେ। ଏଥିରେ ଉତ୍ତେଜିତ ହୋଇ ମହିଳାମାନେ ଥାନା ଫାଟକ ବନ୍ଦ କରିବା ସହ ରାସ୍ତାରୋକ କରିଥିଲେ। ଫଳରେ, ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ମହିଳାମାନେ ପୁଲିସକୁ ମଧ୍ୟ ଥାନା ଭିତରକୁ ଯିବାକୁ ଦେଇନଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ପୁଲିସ ଅଟକ ରଖିଥିବା ବ୍ୟକ୍ତିମାନେ ନିର୍ଦ୍ଦୋଷ। ସେମାନେ ଘଟଣାସ୍ଥଳକୁ ଯାଇନଥିଲେ। କିନ୍ତୁ, ପୁଲିସ ରାତିଅଧିଆ ସେମାନଙ୍କ ଘର ଉପରେ ଚଢ଼ଉ କରି ଟେକିଆଣିଛି। ଉତ୍ତେଜନା କ୍ରମଶଃ ବଢ଼ିବାରୁ ଖବର ପାଇ ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଉଲ୍ଲେଖଯୋଗ୍ୟ, ମୋରଡ଼ା ଥାନା ଅଧୀନ ଡେଙ୍ଗାଷୋଳ ଗ୍ରାମରେ ଗତକାଲି ଜଣେ ଯୁବକଙ୍କୁ ପିଲାଚୋର ସନ୍ଦେହରେ ଗାଁ ଲୋକ ପିଟିପିଟି ମାରିଦେଇଥିବା ନେଇ ଅଭିଯୋଗ ହୋଇଥିଲା।

ପ୍ରେମିକ ସହ ନବବିବାହିତା ଫେରାର୍

କଣ୍ଟାବାଞ୍ଜି,୨୪।୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରେ ବିବାହର ୧୪ ଦିନ ପରେ ପ୍ରେମିକ ସହ ନବବିବାହିତା ଫେରାର ହୋଇଯାଇଛି। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କଣ୍ଟାବାଞ୍ଜି ସହର ୧ ନମ୍ବର ୱାର୍ଡ ଧ୍ରୁବପଡାର ଲକ୍ଷ୍ମୀପ୍ରିୟା ବେହେରା (ବିନି) ଗତ ଫେବୃଆରୀ ୮ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ମୁରିବାହାଲ ଥାନା କର୍ଲା ଗାଁର ମୁକେଶ ବିଶ୍ୱାଳଙ୍କୁ ବିବାହ କରିଥିଲେ। ବିବାହ ପରେ ସେ ବାପଘରକୁ ଆସିଥିଲେ। ଫେବୃଆରୀ ୨୨ତାରିଖରେ ପ୍ରେମିକ ସହ ଫେରାର୍ ହୋଇଯାଇଛନ୍ତି। ନବବିବାହିତାଙ୍କ ପ୍ରେମିକଜଣଙ୍କ କଣ୍ଟାବାଞ୍ଜି ସହରର ବୋଲି ଜଣାପଡ଼ିଛି। ନବବିବାହିତା ଫେରାର୍ ବେଳେ ୨ଲକ୍ଷ ଟଙ୍କାର ସୁନା ଏବଂ ନଗଦ ୨୦ହଜାର ଟଙ୍କା ନେଇଯାଇଥିବା ଜଣାପଡ଼ିଛି। ଏନେଇ ଲକ୍ଷ୍ମୀପ୍ରିୟାଙ୍କ ବାପା ଏବଂ ମୁକେଶଙ୍କ ବାପା କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଉଭୟପକ୍ଷର ଅଭିଯୋଗକୁ ଆଧାର କରି ଫେରାର ନବବିବାହିତା ଲକ୍ଷ୍ମୀପ୍ରିୟା ଓ ତାଙ୍କ ପ୍ରେମିକଙ୍କୁ କଣ୍ଟାବାଞ୍ଜି ପୁଲିସ ଖୋଜୁଛି।

WANTED
A well-established firm invites applications for the following position
Tele Sales Executive
Out Bound Uk process
Good English Speaking
Salary: 10k to 20k
depend upon experience
Interested candidates can send their CV to
Email: pin24u@gmail.com
9776245778
7752003261
Location: Bhubaneswar

PUBLIC NOTICE
My self Sinipini Shyam, S/o-Sinipini Kalia Residance at Plot no- 453/423, IRC Village, Ekamra Villa, Nayapalli, Bhubaneswar. My sale deed document number - 1466 Dated 16/03/1999 In favour of Sini Pini Shyam. And my previous link document no - 11483 Dated-10/11/1989 in favour of Prafula Ku Das. This two sale deed laminated before 20year. This sale deed are original. This sale deed not created any charge mortgage, liens with any financial institute and any Pvt. / Govt. Bank by deposit the original sale deeds. I am going to mortgage this property in SBI RACPC Nayapalli, Bhubaneswar. If any party has any claim towards the said property, the same should be lodged with us and with the above stated SBI Branch within 15 days from the publication date.
Property details: Plot No-658/3765, Khata No - 453/423, Mouza - Jaydev Vihar (Unit No 16), IRC Village, Near Ekamra Villa, Khurda, Bhubaneswar.

AVAILABLE FOR SALE
(1)Vehicle: TRACTOR – KUBOTA MU 5501, Model - 2022, Regn No.OD-06-K-7544, (2) Vehicle : THREE WHEEL – ALTIGREEN EV, Model - 2024, Regd. No.OD-06-M-8285 IN AS IS WHERE IS CONDITION, Contact: Sundaram Finance Ltd., 1st Floor, Plot No-3071/7712 & 3072 OLD CINEMA HALL LANE DIST-DHENKANAL,759001, PH. NO- 06762-225481, 9437102167 WITHIN 7 WORKING DAYS.

AFFIDAVIT
By virtue of an Affidavit before Notary Public, Malkangiri, I **Joba Mardi,** aged about 43 Years, W/o.: Sapan Dey, D/o: Kandra Mardi, resident of village: M.V-5, PO.: Chalanguda, P.S./Dist.: Malkangiri, Odisha-764045, declare by this Affidavit No.: 435/2026, Dated: 21/02/2026 that I have changed my name from **Jaba to Joba Mardi.** Henceforth I shall be known as Joba Mardi for all future purposes.

AFFIDAVIT
By virtue of an affidavit no. A-031 sworn before the **Notary Public, Ganjam, dated 07.01.2026**. I, Arabind Nayak, resident of Bejuguda, Nabarangpur, Odisha - 764070, hereby declare that I have changed my minor son name from Sidharth Kumar Nayak, DOB- 12.01.2008 to Rajdeep Nayak, DOB- 29.11.2009 respectively. Henceforth he will be known as **Rajdeep Nayak** and his correct **date of birth is 29.11.2009** for all purpopses.
Sd/- Arabind Nayak

AFFIDAVIT
I, **Ashisa Kumar Biswal**, S/o-Rabindra Kumar Biswal, Resident of At-Suthanga, Po/Ps-Khantapada, Dist-Balasore, Pin-756043, Odisha. Declare by this Affidavit No-10684 dt-09/10/2025 that now onwards I Shall be Known as **ASHISH KUMAR BISWAL** for all future purpose.

AFFIDAVIT
By virtue of an affidavit no. 353 sworn before the **Executive Magistrate, Nabarangpur, dated 21.02.2026**.I, Bapuni Subudhi, resident of Khatiguda, Nabarangpur, Odisha - 764085, hereby declare that I have changed the name of my minor daughter from **AUSHARANI SUBUDHI to AISHA SUBUDHI.** Henceforth she will be known as **Aisha Subudhi** for all purposes.
Sd/- Bapuni Subudhi

AFFIDAVIT
I, Saroj Kumar Dandapat, S/o Harihar Dandapat, At-Kalimandirsahi, Ward No-15, Po-Baripada, Ps-Baripada Town, Dist- Mayurbhanj, Pin-757001, Odisha, declared by this **affidavit no-317 dated 24.02.2026** that now onwards I shall be known as **Saroj Kumar Dandpat, S/o- Harihar Dandpat** for all future purposes.
Saroj Kumar Dandpat

AFFIDAVIT
By virtue of an affidavit sworn before the **Executive Magistrate, Nabarangpur, Vide no- 223, dated. 18.02.2026.** I, NIBEDITA SUNADHAR , D/o- Iswardan Sunadhar, Permanent Resident of Village - Jatabal, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **NIBEDITA HARIJAN to NIBEDITA SUNADHAR.** Henceforth, I shall be known as **NIBEDITA SUNADHAR** for all purposes.
Sd/- Nibedita Sunadhar

AFFIDAVIT
By virtue of an affidavit **CF No. 215** sworn before the **Executive Magistrate, Rairakhol, dtd. 17.02.2026.** I, Nilima Rana, D/o-Amarendra Rana, resident of Angapada, Kishorenagar, Angul, Odisha - 759126, hereby declare that I have changed my name from **Lilima Rana to Nilima Rana.** Henceforth I shall be known as **Nilima Rana** for purposes.
Sd/- Nilima Rana

AFFIDAVIT
By virtue of an affidavit sworn before the **Executive Magistrate, Nabarangpur, Vide no - 227, dated 19.02.2026**. I, RAMADEVI NINGI, W/o - Khageswar Ningi, Permanent Resident of Village - Kumjhar, Po-Sindhigaon, Ps- Nabarangpur, Dist-Nabarangpur, Odisha, Pin - 764059, declare that I have changed the name of my daughter from **DEEPALI NINGI to GAYATRI NINGI.** Henceforth, she shall be known as **GAYATRI NINGI** for all purposes.
Sd/- Ramadevi Ningi

AFFIDAVIT
I, **Minoo Singh,** W/o-Sanjay Kumar, resident of Flat No.: 103, Santoshi Cottage-1, Santoshi vihar, Canal Road, PS: Laxmi Sagar, Bhubaneswar-751006, Dist.: Khordha, Odisha, declare by this Affadavit No.-6552, dt.24.02.2026 that now onwards I shall be known as **Minu Singh** for all future purposes.

AFFIDAVIT
By virtue of an affidavit sworn before the **Executive Magistrate, Nabarangpur, Vide no- 197, dated. 10.02.2026.** I, SUNADEI NAYAK, W/o-Jadunath Nayak, Permanent Resident of Village - Majhiguda, Po.- Majhiguda, Ps.- Nabarangpur, Dist-Nabarangpur, Odisha, Pin - 764059, declare that I have changed my name from **SUN DEI to SUNADEI NAYAK.** Henceforth, I shall be known as **SUNADEI NAYAK** for all purposes.
Sd/- Sunadei Nayak

AFFIDAVIT
By virtue of an affidavit sworn before the **Executive Magistrate, Nabarangpur, Vide no- 177, dated. 19.02.2026**. I, RITARANI DANDASENA, W/o-Prasanna Majhi, Permanent Resident of Vill- Papadahandi , Po.- Papadahandi, Ps.- Papadahandi, Dist-Nabarangpur, Odisha, Pin - 764071, declare that I have changed my name from **RITA MAJHI to RITARANI DANDASENA.** Henceforth, I shall be known as **RITARANI DANDASENA** for all purposes.
Sd/- Ritarani Dandasena

AFFIDAVIT
By virtue of an affidavit No-512 before the Executive Magistrate, Chandbali dtd- 29/01/2026 I have changed my name from **Bibhuti Bhushana Sahoo** to **Bibhuti Bhusan Sahoo**. Henceforth, I shall be known as **BIBHUTI BHUSAN SAHOO**, S/o-Krushna Sahu, resident of Village/P.O- Goladia, P.S-Chandbali, Dist- Bhadrak, Odisha for all my future purposes.

AFFIDAVIT
By virtue of an affidavit (CF No.92, dtd- 22/01/2026) sworn before The Executive Magistrate, Bhubaneswar. I, **Ayush Mallick,** S/o- Ayub Mallick, permanent resident of Village: Kalingi, PO: Tajungia, PS: Daringbadi, Dist: Kandhamal, PIN: 762021, Odisha declare that I have changed my name from **Jihosaya Malik** to **Ayush Mallick.** Henceforth, I shall be known as **Ayush Mallick** (new name) for all purposes.
Ayush Mallick

AFFIDAVIT
By virtue of an affidavit sworn before The Notary Public, Titilagarh, on dated-23/02/2026. I, **Lalita Yadav** (new name), W/o Murali Chandan, permanent & current resident of AT: Siluan, PO: Marlad, PS: Titilagarh, Dist: Balangir, State: Odisha, PIN: 767066 declare that I have changed my name from **Lipe Chandan to Lalita Yadav.** Henceforth, I shall be known as **Lalita Yadav** (new name) for all future purposes.
Lalita Yadav

AFFIDAVIT
By virtue of an affidavit sworn before The Notary Public, Nayagarh, date- 19/02/2026. I, **Kuber Pal,** S/o Ramachandra Pradhan, resident of Village: Luharkhani, PO: Koska, PS: Khandapada, Dist: Nayagarh, State: Odisha, PIN: 752093 declare that I have changed my name from **Kuber Pradhan** to **Kuber Pal.** Henceforth, I shall be known as **Kuber Pal** (new name), S/o Ramachandra Pradhan for all purposes.
Kuber Pal

AFFIDAVIT
I, Jamaluddin Shaik, aged about 37 years, S/o- Shaik Maqsood Alli, resident of At- Begunia, Near Masjid, Po- Jadupur, Dumduma, Ps- Khandagiri, Bhubaneswar, Pin-751019, Odisha do hereby declare by this affidavit No. 382, dtd- 24/02/2026, that now onwards I shall be known as **JAMALUDDIN SHAIKH** for all future purposes.

ADVERTISEMENT
Applications are invited from the eligible candidates for the post of (1) Assistant Teacher (DHLS) – 01 no, (2) Computer Teacher – 01 no, (3) Cook-Helper – 01 no in Rankanidhi Blind Deaf and Dumb Vidyalaya functioning (IIC) Shradhalaya Dhamnagar, Bhadrak, PIN – 756117.The last date for receipt of application is **10.03.2026 by 4:00 p.m.** and opening on **11.03.2026 at 11:00 a.m.** Details of the advertisement along with application can be downloaded from the **bhadrak.odisha.gov.in** web portal. The walk-in interview will be conducted for the above post along with skill test for the Computer Teacher on **17.03.2026 at 10:30 a.m.**
Secretary
Rankanidhi Blind, Deaf & Dumb Vidyalaya
Shradhalaya, Dhamnagar

WANTED
A well-established firm invites applications for the following positions:
1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above
Salary: Best in the industry | Location : Bhubaneswar
Interested candidates can send their CV to
Email: 19sanatang@gmail.com
Contact 7978386707

KANAKALATA CHARITABLE EDUCATIONAL TRUST
Address: Canal Road, P.O.: Lingaraj Nagar, Jeypore, Dist. Koraput (764002)
WALK-IN-INTERVIEW
We are conducting a walk-in interview for qualified and enthusiastic candidates who are passionate about teaching and academic excellence. Applicants with relevant qualifications and good communication skills are invited to attend. Please bring your updated resume, certificates, ID proof, and passport-size photographs. Candidates will undergo on-the-spot screening and interview at the institute on the scheduled date and time.

Sl.No	Post	Qualification	Experience	No. of posts
1	Principal, Management Studies Principal, Medical Sciences Principal, +3 Science	P.G. in Commerce/MBA (min. 55%) B.Sc. Nursing (min. 55%) P.G. in Science(any Stream) (min. 55%)	5 yrs 5 yrs 5 yrs	1 1 1
2	Lecturers (BBA)	P.G. in Commerce (min. 55%)	Freshers	2
3	Lecturers (BCA)	M.Sc. Computer Science/MCA (min. 55%)	Freshers	2
4	Lecturers (ANM/GNM)	B.Sc. Nursing (min. 55%)	Freshers	2
5	Lecturers (Physics)	P.G. in Physics (min. 55%)	Freshers	2
6	Lecturers (Chemistry)	P.G. in Chemistry (min. 55%)	Freshers	2
7	Lecturers (Botany)	P.G. in Botany (min. 55%)	Freshers	2
8	Lecturers (Zoology)	P.G. in Zoology (min. 55%)	Freshers	2
9	Administrative officer	Graduate	5 yrs	1
10	Data Entry Operator	Graduate with PGDCA	5 yrs	1
11	Receptionist	Graduate	Freshers	1
12	Office Assistant	+2	Freshers	3

Candidates can attend Walk-in-interview between 10:00 AM to 02:00PM on 2nd March, 2026
Email: kanakalatacharitabletrust@gmail.com Mob.: 6370864515, 7606840208, 9692445264
CHAIRMAN

10001/80/2526
GOVERNMENT OF ODISHA
Health and Family Welfare Department, Odisha
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL
CORRIGENDUM
Cor-Advt. No.: 02/2026 / Dated: 24/02/2026
In continuation to this Department Tender Call notice No. - 01 **dt: 06.02.2026,** the due date for the receipt of tender documents for providing 01 (one) numbers of Petrol/Diesel Hiring vehicle for use in the **O/O Dean & Principal, GMCH Phulbani** is hereby extended upto **dt: 09.03.2026 (Monday)** till **5 pm** and shall be opened on **Dt: 11.03.2026 (Wednesday) at 11.00 AM** in presence of bidder or authorized representatives. Revised Financial terms and condition for Hiring Vehicles etc. will be available in website **(https://kandhamal.odisha.gov.in.)** The undersigned reserves the right to reject any or all the tender(s) without assigning any reason thereof.
OIPR-10001/10270/1/25-26/0002
Sd/- N. Behera
Dean & Principal
Govt. Medical College & Hospital, Phulbani, Kandhamal

25001/242/2526
GOVERNMENT OF ODISHA
OFFICE OF THE SUPERINTENDING ENGINEER
**RURAL WORKS DIVISION KARAN

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

ବର୍ଷ ବର୍ଷ ଧରି ପଡ଼ି ଖତ ଖାଉଛି ଜବତ ଗାଡ଼ି

ରାଇରଙ୍ଗପୁର, ୨୪।୨(ସମିସ): ଅପରାଧିକ ମାମଲାରେ ଜଡ଼ିତ ହୋଇ ଅବକାରୀ, ପୁଲିସ ଓ ବନ ବିଭାଗ ଦ୍ୱାରା ଜବତ ଗାଡ଼ି ବର୍ଷ ବର୍ଷ ଧରି ପଡ଼ିରହି ଖତ ଖାଉଛି। କାର୍ଯ୍ୟାଳୟ ପରିସରରେ କିମ୍ବା ରାସ୍ତା କଡ଼ରେ କବାଡ଼ି ଖାନା ସଦୃଶ୍ୟ ଜବତ ଗାଡ଼ି ପଡ଼ିରହୁଛି। ଯେଉଁଆଡ଼େ

■ କବାଡ଼ି ଖାନା ଭଳି ଗାଡ଼ି ଉପରେ ପଡ଼ିଛି ଗାଡ଼ି

ଦେଖିବେ ମାଳ ମାଳ ଦୁଇଚକିଆ, ଚାରିଚକିଆ ସମେତ ଅନ୍ୟାନ୍ୟ ଗାଡ଼ି ପଡ଼ିରହିଛି। ଉକ୍ତ ଚିତ୍ର ରାଇରଙ୍ଗପୁର ଟାଉନ ଥାନା ପରିସରର ଅଟେ। ତେବେ ଏପରି ଚିତ୍ର ବାମନଘାଟି ଓ ପାଞ୍ଚପିଡ଼ି ଉପଖଣ୍ଡର ଥାନା, ଅବକାରୀ ଓ ବନ ବିଭାଗ କାର୍ଯ୍ୟାଳୟ ଆଦିରେ ଦେଖିବାକୁ ମଧ୍ୟ ମିଳିଛି। ଏମିତିକି ବର୍ଷ ଧରି ଗାଡ଼ି ପଡ଼ି ରହିବା ସ୍ଥାନ ଅଭାବ ଯୋଗୁଁ ଗାଡି ଉପରେ ଆଉଏକ ଗାଡ଼ି ରଖାଯାଇଛି। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାତିର ନ କରି ଅବକାରୀ, ପୁଲିସ ଓ ବନ ବିଭାଗ ଗାଡ଼ିଗୁଡ଼ିକ ଜବତ କରି ରଖିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଥିବା କୁହାଯାଉଛି।

ବର୍ତ୍ତମାନ ସମୟରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢୁଥିବାବେଳେ ଅପରାଧ ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଲୁଟ୍, ଚୋରି ପରି ଘଟଣା ସମେତ ଜୀବଜନ୍ତୁ ଶିକାର, ଅବକାରୀ ମାମଲା ଓ ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଯାହାକୁ ରୋକିବା ପାଇଁ ଚଢ଼ଉ କରି ଅପରାଧିଙ୍କୁ ଧରିବା ସହ ଗାଡ଼ି ଜବତ କରୁଛନ୍ତି। ଉକ୍ତ ଗାଡ଼ିଗୁଡ଼ିକ ପୁଲିସ ଥାନା, ଅବକାରୀ କାର୍ଯ୍ୟାଳୟ ଓ ବନ ବିଭାଗ ମାଲଖାନାରେ ବର୍ଷ ଧରି ପଡ଼ିରହି ତାଙ୍କର ମୂଲ୍ୟ ହରାଇବାରେ ଲାଗିଛି। ଓଡ଼ିଶା ହାଇକୋର୍ଟ ଜବତ ଗାଡିକୁ ନେଇ ଏକ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଅଧିକାରୀ ଜବତ ଗାଡ଼ିଗୁଡ଼ିକର ମାମଲା ସ୍ଥାନୀୟ ଜିଲ୍ଲା କୋର୍ଟ ଜରିଆରେ ସମାଧାନ କରିବେ। ଜବତ ଗାଡ଼ିଗୁଡ଼ିକ ବର୍ଷ ବର୍ଷ ଧରି ନ ରଖିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। କିନ୍ତୁ ତାହାକୁ ତିଳେ ହେଲେ ବି ଖାତିର କରାଯାଉନାହିଁ। ଫଳରେ ଗାଡ଼ି ମାଲିକ ଗାଡି ମୁକୁଳାଇବାକୁ ଧନ୍ଧି ହେଉଛନ୍ତି। ଜବତ ଗାଡ଼ିଗୁଡ଼ିକ ଛାଡିବା ପାଇଁ ହାଇକୋର୍ଟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଯେଉଁଥିରେ କି କାଗଜପତ୍ର ଡିଜିଟାଲ ମାଧ୍ୟମ ସଂରକ୍ଷିତ ରଖିବା, ଗାଡିର ଭିଡିଓ, ଗାଡ଼ିର ମୂଲ୍ୟ ନିର୍ଦ୍ଧାରଣ, ସିକ୍ୟୁରିଟି ବଣ୍ଡ ରଖି ଗାଡି ଛାଡିବା, ନିଲାମ କରି ନିଲାମ ମୂଲ୍ୟ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା ରଖିବା ଆଦି ମାର୍ଗଦର୍ଶିକା ନିୟମ ରହିଛି। କିନ୍ତୁ ନିୟମକୁ ପୁଲିସ, ଅବକାରୀ କିମ୍ବା ବନ ବିଭାଗ ଅଧିକାରୀ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିଏ ଗାଡି ପଡ଼ି ରହିବା ଦ୍ୱାରା ତାହାର ମୂଲ୍ୟ ହରାଉଛି। ନିଲାମ ହେଲେ ଅନେକ ମୂଲ୍ୟରେ ନିଲାମ ହେଉଛି। ଯଦି ଗାଡ଼ିଟି ମୁକୁଳି ବି ଯାଉଛି, ମାଲିକ ପାଖକୁ ଆସିବା ବେଳକୁ ବ୍ୟବହାର ଯୋଗ୍ୟ କିମ୍ବା ବିକ୍ରି ଯୋଗ୍ୟ ମଧ୍ୟ ହୋଇରହୁନାହିଁ। ଗାଡ଼ି ଛଡା ନଯାଇ ଜବତ କରି ରଖିବା ଦ୍ୱାରା ଜାଗା ମାଡି ବସିଛି। ଏଥିସହିତ କାର୍ଯ୍ୟାଳୟ ପରିସରରେ ଏକ ଅସୁନ୍ଦର ପରିବେଶ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ମାମଲାର ତ୍ୱରିତ ସମାଧାନ କରିବା ଆବଶ୍ୟକ ଅଟେ। ଫଳରେ ଜବତ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର ହେବ, ନଚେତ ନିଲାମ ହୋଇପାରିବ।

ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିରର ସାଂସ୍କୃତିକ ରାଲି

ବାରିପଦା, ୨୪।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ଓ ଏନ୍‌ଏସ୍‌ଏସ୍ ରିଜିଓନାଲ୍ ଡିରେକ୍ଟୋରେଟ୍, ଭୁବନେଶ୍ୱର ଦ୍ୱାରା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଦ୍ୱିତୀୟ ଦିବସରେ ଜିଲ୍ଲାପାଳ ଅଫିସ ସମ୍ମୁଖରୁ ଏକ ସାଂସ୍କୃତିକ ରାଲି ବାହାରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶେଷ ହୋଇଥିଲା। ଏଥିରେ ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ୧୫ଟି ରାଜ୍ୟର ଏନ୍‌ଏସ୍‌ଏସ୍‌ସ୍ୱେଚ୍ଛାସେବୀ ନିଜ ନିଜର ସାଂସ୍କୃତିକ ପରିଚୟ ଦେଇଥିଲେ। ଏହି ରାଲିକୁ ପତାକା ଦେଖାଇ ଉଦଘାଟିତ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଜାତୀୟ ସେବା ଯୋଜନାର ଯୁବ ଅଧିକାରୀ ଅଜିତ ଖୁସୱା, ଜାତୀୟ ସେବା ଯୋଜନା ନୋଡାଲ ଅଫିସର ଡଃ ଅନାମ ଚରଣ ରାଉଳ, ପୂର୍ବତନ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତିରଞ୍ଜନ ଦାସ, ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ବସନ୍ତ କୁମାର ମହାନ୍ତ। ଅଜୟ କୁମାର ବଳ, ସୁନେଲିକା ପ୍ରହରାଜ, ତୃପ୍ତି ପାତ୍ର, ସୁସ୍ମିତା ପାତ୍ର ସହଯୋଗ କରିଥିଲେ।

● ରାସ୍ତା କାମକୁ ନେଇ ଗଣ୍ଡଗୋଳ

ସମିତିସଭ୍ୟାଙ୍କ ନାମରେ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବୈଶିଙ୍ଗା, ୨୪।୨(ସମିସ): ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମରେ ଏକ ରାସ୍ତା କାମକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ପଞ୍ଚାୟତ ସମିତିସଭ୍ୟାଙ୍କ ନାମରେ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ସମିତି ସଭ୍ୟାଙ୍କ ପକ୍ଷରୁ ମଧ୍ୟ ତାଙ୍କ ସ୍ୱାମୀ ଏକ ପାଲଟା ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଦୁର୍ଗାପୁର ଗ୍ରାମର ଏକ ନଳକୂପ ନିକଟରେ ପାଣି ଜମି ପ୍ରାୟ ସମୟରେ ରାସ୍ତା ଖରାପ ହୋଇଯାଉଥିବାରୁ ସେଠାରେ ଏକ ହୁମପାଇପ ପକାଇ ରାସ୍ତା ନିର୍ମାଣ ଚାଲିଥିଲା। ସେଠାରେ କାମ ଚାଲିଥିବା ସମୟରେ ପାଟିତୁଣ୍ଡ ଶୁଭିବାରୁ ସ୍ଥାନୀୟ ଅଞ୍ଚଳର ଅଭିମନ୍ୟୁ ଦଳେଇ ଘଟଣାସ୍ଥଳକୁ ଆସି ପାଟିତୁଣ୍ଡ ବାବଦରେ ବୁଝିବାକୁ ଚେଷ୍ଟା କରିଥିଲେ। ସେଠାରେ ଉପସ୍ଥିତ ସମିତି ସଭ୍ୟା ସରସ୍ୱତୀ ଦାସ, ତାଙ୍କ ସ୍ୱାମୀ କୁଶ ସିଂ ଓ ଦିଅର ଟୁକୁନୁ ମିଶି ହଠାତ ତାଙ୍କୁ କୋଦାଳ ଧରି ଆକ୍ରମଣ କରିଥିଲେ। ତାଙ୍କୁ କ୍ଷତାକ୍ତ କରି ପକାଇଥିଲେ। ସରସ୍ୱତୀଙ୍କ କୋଦାଳ ପାହାରରେ ତାଙ୍କ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଅଭିମନ୍ୟୁ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ଏ ନେଇ ୮୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ସରସ୍ୱତୀଙ୍କ ସ୍ୱାମୀ କୁଶ ସିଂ ଅଭିଯୋଗ କାଟିଛନ୍ତି ଯେ ଉକ୍ତ ରାସ୍ତାରେ ବାରମ୍ବାର ପାଣି ଜମି କାଦୁଅ ପଚପଚ ହେଉଥିବାରୁ ସେ ସରପଞ୍ଚଙ୍କ ଅନୁମୋଦନ କ୍ରମେ ସରକାରୀ ଆଦେଶରେ ସେଠାରେ ଏକ ହୁମପାଇପ ପକାଇ ରାସ୍ତା ନିର୍ମାଣ କରୁଥିଲେ। ହଠାତ ଉକ୍ତ ଗ୍ରାମର ସନିଆ ଦଳେଇ, ଗୋପୀନାଥ ମାଝୀ ଓ ଶଶୀକାନ୍ତ ଦଳେଇ ପହଞ୍ଚି ଉକ୍ତ କାମକୁ ବିରୋଧ କରିବା ସହିତ ଗଣ୍ଡଗୋଳ ଆରମ୍ଭ କରି ତାଙ୍କୁ ମାରଧର କରିଥିଲେ। ତାଙ୍କ ସ୍ତ୍ରୀ ସରସ୍ୱତୀ ମଧ୍ୟ ସେଠାରେ ପହଞ୍ଚି ତାଙ୍କ ସ୍ୱାମୀକୁ ଉଦ୍ଧାର କରିବାକୁ ଯାଇ ତାଙ୍କୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଉକ୍ତ ୩ ଯୁବକ ବିଭିନ୍ନ କୁଭାଷାରେ ଗାଳିଗୁଳଜ କରିବା ସହିତ ତଳେ ପକାଇ ଗୋଇଠା ବିଧା ମାରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେ ସରସ୍ୱତୀଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ବାରିପଦା ଡାକ୍ତରଖାନାକୁ ନେଇଛନ୍ତି। ପୁଲିସ ତାଙ୍କ ଲିଖିତ ଏତଲା ଗ୍ରହଣ କରି ୮୮/୨୬ରେ ଆଉଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମଦ ଜବତ, ୨ ଗିରଫ

କୁଆମରା, ୨୪।୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ୨ ଜଣଙ୍କୁ ଗିରଫ କରିଥିବାବେଳେ ୩୧ ଲିଟର ମଦ ଜବତ କରିଛି। ଦୁଲାସାହି ଗ୍ରାମର ବାଇଧର ମୁର୍ମୁଙ୍କଠାରୁ ୧୫ ଲିଟର ଓ ଧରମପୁର ଗ୍ରାମର ଦେହ୍ଲା ହେମ୍ବ୍ରମଙ୍କଠାରୁ ୧୬ ଲିଟର ମଦ ଜବତ ହୋଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କୃଷ୍ଣଚନ୍ଦ୍ର ସୋରେନ, ଦୀପାଞ୍ଜଳି ଦାସ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

ମେଳା ପରିସରରୁ ବାଇକ୍ ଚୋରି

ରାଇରଙ୍ଗପୁର, ୨୪।୨(ସମିସ): ବଡ଼ଜିଆଣିରେ ମେଳା ପରିସରରୁ ବାଇକ ଚୋରି ହୋଇଛି। ଏ ନେଇ ବଡ଼ଝରଣ ଗ୍ରାମର ଆନ୍ତ ମାର୍ଣ୍ଡି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ମେଳା ପରିସରରେ ନିଜ ବାଇକ୍ ପାର୍କିଂ କରି ଯାଇଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଲଘୁଚାପ ଆଣିଲା ଆଶ୍ୱସ୍ତି

ଶିମିଳିପାଳରେ ଟଳିଲା ବନାଗ୍ନି ଚିନ୍ତା

ବାରିପଦା, ୨୪।୨(ସମିସ): ପ୍ରକୃତିର ଅନନ୍ୟ ଶୋଭାରାଜି ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ଭୟାବୟତା ଦୂର ହୋଇଛି। ଲଘୁଚାପ ପ୍ରଭାବରେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ସମେତ ଶିମିଳିପାଳ ଅଭୟାରଣ୍ୟରେ ମଧ୍ୟମରୁ ପ୍ରବଳ ବର୍ଷା ହେବାରୁ ବନାଗ୍ନିରୁ ଆଶ୍ୱସ୍ତି ମିଳିଛି।

ଶିମିଳିପାଳ ଅଭୟାରଣ୍ୟରେ ସୋମବାର ରାତିରେ ବର୍ଷା ଆରମ୍ଭ ହୋଇଥିବାବେଳେ ଆଗାମୀ ଏକ ସପ୍ତାହ ଯାଏଁ ବନାଗ୍ନି ଚିନ୍ତା ଟଳିଛି। ଶୀତ ଯିବା ପରେ ଦିନର ତାପମାତ୍ରା ବୃଦ୍ଧି ପାଇ ଶ୍ୟାମାଖୁଣ୍ଟା ଓ ଶୁଳିଆପଦା ଅଞ୍ଚଳର କିଛି ସ୍ଥାନରେ ବନାଗ୍ନି ଭୟ ଦେଖାଦେଇଥିଲା। ଅପରପକ୍ଷରେ ଦୀର୍ଘଦିନ ଧରି ବର୍ଷା ଅଭାବ ଫଳରେ ପତ୍ରଝଡ଼ା ପରେ ପାହାଡ଼ ଗଦା ପରି ଠୁଳ ହୋଇଥିବା ଶୁଖିଲା ପତ୍ରରେ ବନାଗ୍ନି ଭୟ ଲାଗିରହିଥିଲା। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟ ସମେତ ୭ଟି ବନ ଉପଖଣ୍ଡରେ ମୋଟ ୭, ୭୦୦ କିଲୋମିଟରରୁ ଅଧିକ ଫାୟାର ଲାଇନ୍ (ଅଗ୍ନିରୋଧ ରେଖା) ନିର୍ମାଣ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୭୦ଟି ଫାୟାର ସ୍କ୍ୱାଡରେ ୫୬୫ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ତତସହିତ ବନ କଲ୍ୟାଣ ସମିତି ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କୁ ସାମିଲ କରାଯାଇଛି। ସେମାନଙ୍କ ପାଇଁ ୬୫ଟି ଯାନ ଓ ପ୍ରାୟ ୧, ୦୦୦ଟି ଫାୟାର ବ୍ଲୋୟର୍ ମେସିନ୍ ଓ ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଏହାବ୍ୟତୀତ ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଫାୟାର ବ୍ଲୋୟର୍ ବଣ୍ଟନ କରାଯାଇଛି। ତେବେ ବର୍ଷା ପାଇଁ ବନ

ବିଭାଗ ସମେତ ପରିବେଶପ୍ରେମୀ ଆଶ୍ୱସ୍ତି ଲାଭ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟର ରାମତୀର୍ଥରେ ସର୍ବାଧିକ ୪୧.୯୧ ମିଲିମିଟର ବର୍ଷା ହୋଇଥିବାବେଳେ ବଡ଼ଗାଁରେ ୪୧.୧୪୮ ମିମି, ନୱଣାରେ ୧୮.୨ ମିମି, ବରେହିପାଣି ୧୩.୯୭ ମିମି, କବାଟଘାଇରେ ୮.୮୯ ମିମି, ବୁଢାବଳଙ୍ଗରେ ୮.୪ ମିମି, ଚହଲାରେ ୭.୨ ମିମି, ପିଠାବଟାରେ ୪.୩୧୮, ବାରିପଦାରେ ୩.୮୧ ମିମି ଓ ଡୁକୁରାରେ ୨.୭୯୪ ମିମି ବର୍ଷା ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ବୃଷ୍ଟିପାତ ଯୋଗୁଁ ପତ୍ରଗଦା ଓଦା ହୋଇ ସଢିବାରେ ସାହାଯ୍ୟ କରିବ। ତତ୍‌ସହିତ ଜଙ୍ଗଲ ମଧ୍ୟରେ ଥିବା ବନ୍ୟଜନ୍ତୁଙ୍କ ପାଣି ସମସ୍ୟା ଦୂର ସହିତ କ୍ଷତିଗ୍ରସ୍ତ ତୃଣଭୋଜୀଙ୍କ ଚାରଣଭୂମି ସ୍ୱାଭାବିକ ସ୍ଥିତି ଫେରିବାକୁ ସହାୟତା ହେବ। ଦୁଇଦିନ ପାଇଁ ପାଣିପାଗ ବିଭାଗ ପକ୍ଷରୁ ବର୍ଷା ସୂଚନା ଥିବାରୁ ଏହା ଉପକାର ସାବ୍ୟସ୍ତ ହେବ ବୋଲି କୁହାଯାଇଛି।

ଯୁବ ପ୍ରତିଭା ଜ୍ୟୋସ୍ନାମୟୀ

ନୃତ୍ୟ ଶିକ୍ଷା ସହ ମେହେନ୍ଦି କଳା

କରଞ୍ଜିଆ, ୨୪।୨(ସମିସ): ଆଜିର ଯୁବପିଢ଼ି କେବଳ ଚାକିରି ଖୋଜୁନାହିଁ, ବରଂ ନିଜେ ଚାକିରି ସୃଷ୍ଟି କରିବା ଦିଗରେ ଆଗୁଆ ହେଉଛନ୍ତି। ଜ୍ୟୋସ୍ନାମୟୀ ମହାନ୍ତ ଏହାର ଉଦାହରଣ ସାଜିଛନ୍ତି। ସେ କରଞ୍ଜିଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ। ପାଠପଢ଼ା ସହିତ ସେ ମେହେନ୍ଦି କଳାକୁ ଆଧାର କରି ନିଜର ଛୋଟ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ସେ ଚାରୁସ ଏକାଡ଼େମୀରେ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିବାବେଳେ ମେହେନ୍ଦି ଡିଜାଇନ୍‌ରେ ମଧ୍ୟ ଦକ୍ଷତା ହାସଲ କରିଛନ୍ତି। ପର୍ବପର୍ବାଣୀ, ବିବାହ ଓ ବିଭିନ୍ନ ଅବସରରେ ତାଙ୍କ ହାତର ସୁନ୍ଦର ଡିଜାଇନ୍‌ର ଚାହିଦା ବଢ଼ିବାରୁ ସେ ନିଜର କଳାକୁ ଉପାର୍ଜନର ମାଧ୍ୟମରେ ପରିଣତ କରିଛନ୍ତି। ତାଙ୍କ ନିପୁଣତା ଓ ସୁକ୍ଷ୍ମ କାମ ଦେଖି ଗ୍ରାହକ ବେଶ ପ୍ରଶଂସା କରୁଛନ୍ତି। ବିଶେଷକରି ବ୍ରତଘର, ପର୍ବପର୍ବାଣୀ, ସାଦଖିଆ, ରଜ ଓ ବିବାହ ଋତୁରେ ତାଙ୍କର ଅର୍ଡର ବଢ଼ିଯାଉଛି। ଛାତ୍ରୀ ହେବା ସତ୍ତ୍ୱେ ସମୟକୁ ସଠିକ୍ ଭାବେ ବ୍ୟବସ୍ଥାପିତ କରି ପଢ଼ା ଓ କାମ ଦୁଇଟିକୁ ସମନ୍ୱୟ କରୁଛନ୍ତି। ଚାରୁସ୍ ଏକାଡେମୀର ଦିବ୍ୟରଞ୍ଜନ ପତିଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ପ୍ରୋତ୍ସାହନ ଓ ମଞ୍ଚ ମିଳୁଥିବାରୁ ସେ ଆତ୍ମବିଶ୍ୱାସ ସହ ଆଗକୁ ବଢୁଛନ୍ତି। ଏହି ପଦକ୍ଷେପ ଅନ୍ୟ ଯୁବପିଢ଼ିଙ୍କ ପାଇଁ ମଧ୍ୟ ପ୍ରେରଣା ହୋଇପାରେ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ସମାଜରେ ଯେଉଁଠାରେ ଅନେକ ଚାକିରି ଅଭାବରେ ଚିନ୍ତିତ, ସେଠାରେ ଏହି ସ୍କୁଲ୍ ଛାତ୍ରୀ ନିଜ ପ୍ରତିଭାକୁ ଆଧାର କରି ଆତ୍ମନିର୍ଭରତାର ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହା ପ୍ରମାଣ କରୁଛି ଇଚ୍ଛାଶକ୍ତି ଓ ପ୍ରତିଭା ଥିଲେ ବୟସ କେବେ ବାଧା ସାଜିବନି।

● ଅବସର ପରେ ମଧ୍ୟ ମିଳୁନାହିଁ ପେନସନ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧଙ୍କ ଧାରଣା

ବାରିପଦା, ୨୪।୨(ସମିସ): ଅବସର ପରେ ମଧ୍ୟ ପେନସନ ଟଙ୍କା ମିଳୁନାହିଁ। ପେନସନ ଟଙ୍କା ପାଇଁ ବାରମ୍ବାର ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏହାପରେ ମଧ୍ୟ ସମାଧାନ ନ ହେବାରୁ ବୃଦ୍ଧ ଜଣକ ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ବୃଦ୍ଧ ଜଣକ ହେଲେ ଅବସରପ୍ରାପ୍ତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସୁଭାଷ ଚନ୍ଦ୍ର ମହାନ୍ତ। ଅବସର ପରେ ନିଜର ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ୍ୟ ପେନସନ ଟଙ୍କା ମିଳୁନାହିଁ। ବାର୍ଦ୍ଧକ୍ୟ ଅବସ୍ଥାରେ ପେନସନ ଟଙ୍କା ନ ମିଳିବାରୁ ପରିବାର ପ୍ରତିପୋଷଣ ଓ ଔଷଧ ନିମନ୍ତେ ମଧ୍ୟ ଟଙ୍କା ମିଳୁନାହିଁ। ଯାହାକୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପେନସନ ଟଙ୍କା ପାଇଁ ଗତ ଡିସେମ୍ବର ମାସରେ ସେ ସିଡିଏମଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସିଡିଏମ୍‌ଓ ତାଙ୍କୁ ଭେଟି ଆଲୋଚନା କରିଥିଲେ।

ସପ୍ତାହକ ମଧ୍ୟରେ ତାଙ୍କ ସମସ୍ୟାକୁ ସମାଧାନ କରି ପେନସନ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାର ଦୁଇ ମାସ ପରେ ମଧ୍ୟ କୋଣସି ସମାଧାନ ହେଲାନାହିଁ। ତେଣୁ ବୃଦ୍ଧ ଜଣକ ନ୍ୟାୟ ପାଇବା ନିମନ୍ତେ ଧାରଣାରେ ବସିଛନ୍ତି।

● ସ୍ଥାନାନ୍ତରିତ ହେବ ରାଇରଙ୍ଗପୁର ଦୈନିକ ପରିବା ବଜାର

ରାଉତ ଖମାରରେ ନୂତନ ପରିବା ମାର୍କେଟ

ରାଇରଙ୍ଗପୁର, ୨୪।୨(ସମିସ): ପୁରାତନ ସହର ରାଇରଙ୍ଗପୁରରେ ଖୋଲା ଆକାଶ ତଳେ ଦୈନିକ ପରିବା ବଜାର ଚାଲିଛି। ତେବେ ଆଗକୁ ରାଉତ ଖମାରରେ ନୂତନ ବଜାର ହେବା ସହ ସେଠାକୁ ବଜାର ସ୍ଥାନାନ୍ତର ହେବାକୁ ଯାଉଛି। ଏ ନେଇ ରାଇରଙ୍

ବାଲିଆପାଳରେ ବେଧଡ଼କ ଚାଲିଛି ଚୋରା ମାଟି କାରବାର

ବାଲିଆପାଳ, ୨୪।୨ (ସମିସ)

ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହୁଛି। ମାଟି ମାଫିଆମାନେ ସରକାରୀ ଓ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଟି ମାଫିଆମାନେ ହାସିମପୁର, ପାଳଜାମକୁଣ୍ଡା, ବିଷ୍ଣୁପୁର, କୁଦମାନସିଂ, ପଞ୍ଚରୁଖୀ, ପାଳପଡା ଆଦି ସ୍ଥାନରେ ମାଟି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତବାରିସୀ କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଇଛି। ଫଳରେ ସାଧାରଣଲୋକଙ୍କର ବିରୋଧାଭାସ ପ୍ରାଶାସନ ପାଖରେ ପହଞ୍ଚିପାରୁ ନାହିଁ । ହାସିମପୁର ଗ୍ରାମରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଘର ସମ୍ମୁଖରେ ଆଜକୁ ୭ ଦିନ ହେଲା ଦୁଇ ତିନି ଏକର ପରିମିତ ଏକ ଗୋଚର ଜମିରୁ ବେଧଡକ ଭାବରେ ଦିନ ରାତି ମାଟି ତାଡି ପୋଖରୀ ଖୋଳା ଯିବା ସହ ଖୋଲାଖୋଲି ଭାବେ ମାଟି ବିକ୍ରି ହେଉଛି। ଏହି ସ୍ଥାନଟି ମଧୁପୁରା ଆର ଆଇ କାର୍ଯାଳୟଠାରୁ ୫୦୦ ମିଟର ଏବଂ ବାଲିଆପାଳ ତହସିଲ ଠାରୁ ଏକ କିଲୋମିଟର ଦୂରତାରେ ରହିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହା ଉପରେ ରୋକ ଲାଗି ପାରୁନାହିଁ। ସରକାରୀ ଗୋଚର ଜାଗାରେ ପୋଖରୀ ଖୋଳିବା କାମ କାହା ଅନୁମତିରେ ହେଉଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି। ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧୁଚନ୍ଦ୍ରିକାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ମଧୁପୁରା ଆରଆଇ ନଟରଞ୍ଜନ ଦତ୍ତଙ୍କୁ ପଚାରିବାରୁ ସେ ଘଟଣା ସ୍ଥଳକୁ ଯାଇ ଏ ସମ୍ପର୍କରେ ତହସିଲଦାରନକୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିବା ସହିତ ପରୋକ୍ଷରେ ଏହା ବନ୍ଦ କରିବା ମାଇନ୍ସ ବିଭାଗର ଦାୟିତ୍ୱ ବୋଲି କହିଛନ୍ତି।

ଗୋଚର ଜମିକୁ ଖୋଳି ମାଟି ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ସେହିପରି ବାଲିଆପାଳ ବ୍ଲକ ଦାୟିତ୍ୱରେ ଥିବା ମାଇନ୍ସ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ଆରଆଇଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଓ କ୍ଷତିପୂରଣ ଦାବି

ଜଳେଶ୍ୱର ବ୍ଲକ, ୨୪।୨ (ସମିସ): ଦୀର୍ଘବର୍ଷ ଧରି ବାଣିଦା ଗ୍ରାମର ଯୋଡ଼ାଗଡ଼ିଆ ପୋଖରୀ ଆଡ଼ିରେ ଛୋଟ ଛୋଟ ଦୋକାନ କରି ଜୀବିନ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କୁ ଆଜି ଦିନ ୧୧ ଘଟିକା ସମୟରେ ପ୍ରଶାସନ ଉଚ୍ଛେଦ କରିଛି। ଜୀବନ ଜୀଇଁବା ପାଇଁ ସେମାନଙ୍କ ପାଖରେ ଅନ୍ୟ କୌଣସି ପନ୍ଥାନାହିଁ। ଏଥିପାଇଁ ସି.ପି.ଆଇ (ଏମ୍) ସେ ଗ୍ରାମରେ ବିକଳ୍ପ ସ୍ଥାନରେଏହି ଯୋଜନା କରିବା ପାଇଁ ପ୍ରସ୍ତାବ ରଖିଥିଲେ ମଧ୍ୟ ପ୍ରଶାସନ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରି ତରବରିଆ ଭାବରେ ସେମାନଙ୍କୁ ଉଚ୍ଛେଦ କରିଛି। ଏଣୁ ସି.ପି.ଆଇ(ଏମ୍) ଦାବି କରିଛିକି, ଉଚ୍ଛେଦ ହୋଇଥିବା ଦୋକାନୀ ମାନଙ୍କୁ ବିକଳ୍ପ ସ୍ଥାନରେ ବସାଇବା ସହ ଦୋକାନ ଘର କରିବା ପାଇଁ ସରକାର ଓ ପ୍ରଶାସନ ସାହାଯ୍ୟ କରନ୍ତୁ କିମ୍ବା ଘରଭଙ୍ଗା କ୍ଷତିପୂରଣ ଦିଅନ୍ତୁ ବୋଲି ସି.ପି.ଆଇ (ଏମ୍)ର ବରିଷ୍ଠ ନେତା

ଦିଲ୍ଲୀପ କୁମାର ଗିରି, ପଲଟୁ ଦାସ, ସମେତ ଗୌରୀକାନ୍ତ ମହାନ୍ତି, ମମି ପଣ୍ଡା, ସବିତା ଭୂୟାଁ, ଅରୁଣ ଜେନା, ଝରଣା ଘଡ଼ାଇ, କୁନା ଟୁଡୁ, ଉତ୍ପଳ ମହାନ୍ତି, ଦିପକ ଦାସ ପ୍ରମୁଖ ଉଚ୍ଛେଦ ସ୍ଥାନକୁ ଗସ୍ତ କରି ଏହି ଦାବି କରିଛନ୍ତି।

ଗର୍ଭାଶୟ କର୍କଟର ଟୀକା ତିନୋଟି ଡୋଜ୍ ଦେବା ପ୍ରସଙ୍ଗ ଉଠାଇଲେ ବିଧାୟିକା

ବାଲେଶ୍ୱର,୨୪।୨(ସମିସ): ଗର୍ଭାଶୟ କର୍କଟ ବା ସର୍ଭାଇକାଲ କ୍ୟାନ୍ସରରେ ପୀଡିତ ରୋଗୀଙ୍କ ହାର ରାଜ୍ୟରେ ବଢିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ଏବଂ ପ୍ରତିଷେଧକ ବ୍ୟବସ୍ଥା ପାଇଁ ସରକାର ବିନା ମୂଲ୍ୟରେ ୯ରୁ ୧୪ ବର୍ଷ ବୟସ ମଧ୍ୟରେ ଥିବା କିଶୋରୀମାନଙ୍କୁ ଏଚ୍‌ପିଭି ବା ସର୍ଭାଇକାଲ କ୍ୟାନସର ଟୀକାର ଦୁଇଟି ଡୋଜ୍ ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। କିନ୍ତୁ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ୧୫ ବର୍ଷରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ଝିଅପିଲା ଏବଂ ମହିଳାମାନଙ୍କ ପାଇଁ ସର୍ଭାଇକାଲ କ୍ୟାନ୍ସର ଟିକାର ତିନୋଟି ଡୋଜ୍ ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ନାହିଁ ବଜେଟ୍ ଅଧିବେଶନ ବସ୍ତା ବିଧାୟିକା ସୁବାସିନୀ ଜେନା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଭାରତ ସରକାରଙ୍କ ସାର୍ବଭୌମ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଆର୍ଥିକ ବର୍ଷରେ ୧୪ ବର୍ଷରୁ ୧୫ ବର୍ଷର ବାଳିକା ମାନଙ୍କୁ ଏଚ.ପି.ଭି. ଟିକା (ଗୋଟିଏ ଡ଼ୋଜ) ଦେବାପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରଥମ ପର୍ଯ୍ୟାୟରେ ୧,୬୦,୦୦୦ ଡୋଜ ରାଜ୍ୟ ଟିକାକରଣ ବିଭାଗ (ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ)ଙ୍କ ଦ୍ୱାରା ପ୍ରାପ୍ତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧,୬୦,୦୦୦ ଡ଼ୋଜ ଯୋଗାଇଦେବା ପାଇଁ ଭାରତ ସରକାର ଅନୁମୋଦନ କରିଛନ୍ତି। ଏହି ଟିକାକରଣ ନିମନ୍ତେ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ପୃକ୍ତ ଅଧିକାରୀ ଓ ଟିକା ପ୍ରଦାନକାରୀ ସ୍ୱାସ୍ଥ୍ୟକର୍ମୀଙ୍କ ତାଲିମ ସଂପୂର୍ଣ୍ଣ ହୋଇଛି। ମାର୍ଚ୍ଚ ମାସରେ ନିର୍ଦ୍ଦିଷ୍ଟ ଟିକାକରଣ କେନ୍ଦ୍ର ମାନଙ୍କରେ ଡାକ୍ତରଙ୍କ ଉପସ୍ଥିତିରେ ଉକ୍ତ ଟିକା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଏତଦବ୍ୟତୀତ ୧୫ବର୍ଷରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ବାଳିକା ଓ ମହିଳାମାନଙ୍କ ପାଇଁ ଜରାୟୁ/ ସର୍ଭାଇକାଲ କ୍ୟାନ୍ସର ଟିକାର ତିନୋଟି ଡ଼ୋଜ ଦେବା ପାଇଁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରାବଧାନ କରାଯାଇନାହିଁ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୋର, ୨୪।୨ (ସମିସ): ସୋର ପୌରପାଳିକାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏନଏସି ବାପୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପୌର ପାଳିକା ପାଇଁ ଅନୁଷ୍ଠିତ ଏହି ଶିବିରରେ ଅସ୍ଥିଶଲ୍ୟ ପାଇଁ ୯୬ ଜଣ, ଆଖି ପାଇଁ ୨୬ ଜଣ, ମାନସିକ ଅନଗ୍ରସର ୨୯ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ଉପସ୍ଥିତ ବିଭାଗୀୟ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

ବାଲିଆପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଦାବି

କାଳିପଦା, ୨୪।୨ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ କର୍ମଚାରୀ ମରୁଡି, ଡାକ୍ତର ନିଯୁକ୍ତି ଦାବି କରି ଆଜି ବାଲିଆପାଳ ସୂଚନା ଅଧିକାର ଅଭିଯାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏ ନେଇ ସରକାର କୌଣସି ଠୋସ ପଦକ୍ଷେପ ନ ନେଲେ ସୂଚନା ଅଧିକାର ଅଭିଯାନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଧ୍ୟ ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନ ର ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ଦେବେନ୍ଦ୍ର ଦାସ, ଏସ କେ ମତଲୁବ, ଗୋପୀନାଥ ଗଙ୍ଗାଇ, ଅଦ୍ୱୈତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଅଧିକାର ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖଙ୍କ ଉଦ୍ଦେଶ୍ୟରେ

ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଥାଉ କି ଏବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଛାଡି ଅନ୍ୟ ସମସ୍ତ ବିଶେଷଜ୍ଞ ପଦବୀ ଖାଲି ପଡିଛି। ନର୍ସ, ଟେକିନସିଆନ, ଅନ୍ୟ ପଦବୀ ଗୁଡିକ ମଧ୍ୟ ଖାଲି ପଡିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ଜଳେଶ୍ୱର, ଭୋଗରାଇ ବ୍ଲକ ଓ ପଡୋଶୀ ପଶ୍ଚିମ ବଙ୍ଗର ରୋଗୀମାନେ ନିର୍ଭର କରନ୍ତି। ଜରୁରୀ ସ୍ୱାସ୍ଥ୍ୟ ସେବା ମଧ୍ୟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରୁ ମିଳୁ ନାହିଁ। ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ମାନେ ରୋଗ ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର, ବାରିପଦା, କଟକ, ଭୁବନେଶ୍ୱରକୁ ଯାଉଛନ୍ତି। କୁକୁର, ସାପ କାମୁଡା ଔଷଧ ଓ ଇଞ୍ଜେକ୍ସନ ମଧ୍ୟ ମିଳୁ ନାହିଁ।

ଓଡ଼ିଶା ପାଠ୍ୟକ୍ରମ ଆଧାର ଉପରେ ଶିକ୍ଷକ ପ୍ରଶିକ୍ଷଣ

ଭୋଗରାଇ,୨୪।୨ (ସମିସ) : ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅନ୍ତର୍ଗତ ତରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜାତୀୟ ଶିକ୍ଷାନୀତି- ୨୦୨୦ ଓ ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ଉଦଘାଟନ କରି ତାଲିମ ଶିବିରର ଭିତ୍ତିଭୂମି ଓ ପରିଚାଳନା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁଙ୍କ ସଂଚାଳନରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉତ୍ସବ କୁମାର କର, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପର୍ଶୁରାମ ଦାସ ନୈତିକ ଶିକ୍ଷାର ମୂଲ୍ୟବୋଧ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବେ ସିଆରସିସି କାର୍ତ୍ତିକ ଚନ୍ଦ୍ର ପାଳ, ପୂର୍ବତନ ସିଆରସିସି ଲମ୍ବୋଦର ଜେନା, ସିଆରସିସି ତାରାପଦ ଜେନା, ଆକାଶ ଜ୍ୟୋତି ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ପରିଚାଳନାରେ ଶିକ୍ଷକ ଶକ୍ତିଧର ସାହୁ, ବନମାଳୀ ବେହେରା, ରିପନ ଜେନା, ଶୁଭ୍ରକାନ୍ତ ଜେନା, ମାମୀ ସାହୁ, ଜ୍ୟୋତିର୍ମୟୀ ନାୟକ, ମୃଣ୍ମୟୀ ରଣା ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷାକର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

ରେଳଷ୍ଟେସନ ନିକଟରୁ ଉଦ୍ଧାର ନାବାଳକ ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ସୋର,୨୪।୨(ସମିସ): ସୋର ରେଳଷ୍ଟେସନ ନିକଟ କାନାରା ବ୍ୟାଙ୍କ ନିକଟରୁ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଉଦ୍ଧାର କରାଯାଇଥିବା ଜଣେ ନାବଳକଙ୍କୁ ଆଜି ଅପରାହ୍ଣରେ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି। ଗତକାଲି ରାତିରେ ଜଳେଶ୍ୱରସ୍ଥିତ ଗାନ୍ଧିସେବାଶ୍ରମର ଜଣେ ନାବାଳକ ଆଶ୍ରମରୁ ଫେରାରହୋଇ ସୋର ରେଳ ଷ୍ଟେସନ ନିକଟ ଷ୍ଟେସନରୋଡରେ ଥିବା କାନାରା ବ୍ୟାଙ୍କ ନିକଟରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ସୋରର ସ୍ୱେଚ୍ଛା ସେବୀ ସଂଗଠନ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତା ହରେକୃଷ୍ଣ ଶିଅଳ ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ପାଖରେ ରଖି ଆଜି ସକାଳେ ସୋର ଥାନାରେ ଜିମା ଦେଇଥିଲେ। ଖବର ପାଇ ବାଲେଶ୍ୱର ଚାଇଲ୍ଡ ଲାଇନର ସଦସ୍ୟ ଓ ଉକ୍ତ ଶିଶୁ ଯତ୍ନ ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସୋର ଥାନାରେ ପହଞ୍ଚି ନାବଳକକୁ ନେଇଥିବା ଜଣାପଡିଛି। ପ୍ରକାଶ ଥାଉ କି ଉକ୍ତ ନାବାଳକ ଜଣଙ୍କ ଗତ ୨୦୨୪ ମସିହାରେ ରେଳ ପୁଲିସ ଦ୍ୱାରା ଷ୍ଟେସନରୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ବାଲେଶ୍ୱରଙ୍କ ହସ୍ତକ୍ଷେପରେ ଉକ୍ତ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ। ସେବେଠାରୁ ନାବାଳକ ଜଣଙ୍କ ସେଠାରେ ରହୁଥିବା ବେଳେ ଗତ ୨୨ ତାରିଖରେ ଆଶ୍ରମର କର୍ମକର୍ତ୍ତାଙ୍କ ଅବହେଳା ପାଇଁ ପାଚେରୀ ଡେଇଁ ଜଳେଶ୍ୱରରୁ ଏକ ଟ୍ରେନରେ ସୋରକୁ ପଳାଇଆସିଥିଲେ।

ସାହାବାଜିପୁର ଉଦୟପୁର ଚେକ୍ ଗେଟ୍ ପାଇଁ ମନ୍ତ୍ରୀଙ୍କୁ ବିଧାୟକଙ୍କ ଦାବିପତ୍ର

ଭୋଗରାଇ, ୨୪।୨ (ସମିସ): ଭୋଗରାଇ ବ୍ଲକ ସାହାବାଜିପୁର - ଉଦୟପୁର ବୋର୍ଡରେ ବାରମ୍ବାର ପଶ୍ଚିମବଙ୍ଗ ସରକାର ଧସେଇ ପଶିବା ସିମେଣ୍ଟ ଖୁଣ୍ଟ ବସାଇବା ଓ ରାସ୍ତା ନିର୍ମାଣ କରିବାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି ଏବଂ ପ୍ରତିଦିନ ଓଡ଼ିଶାରୁ ପଶ୍ଚିମ ବଙ୍ଗକୁ ଶତାଧିକ ଟ୍ରକ୍ ବାଲି, ଚିପ୍ସ ଓ ପଥର ଆଦି ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ଯାହା ଫଳରେ ଓଡ଼ିଶାର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଏ ବିଷୟରେ ଜଣାଇବା ସହ

ଚୋରା ଚାଲାଣ ରୋକିବା ପାଇଁ ଏହି ଆନ୍ତଃରାଜ୍ୟ ସୀମାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ଚେକ୍ ଗେଟ୍ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଏ ବିଷୟରେ ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ନିକଟରେ ରାସ୍ତା ନିର୍ମାଣ ଆଳରେ ପଶ୍ଚିମବଂଗ ପ୍ରଶାସନ ଓଡ଼ିଶା ସୀମାନ୍ତରେ ଅନୁପ୍ରବେଶ ଉଦ୍ୟମ, ଭୋଗରାଇରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଓ ନୂତନ ରାଜସ୍ୱ ଗାଁ ପାଇଁ ବିଜ୍ଞପ୍ତି ପ୍ରକାଶ ଆଦି ସଂପର୍କରେ ମଧ୍ୟ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହିତ କେମିତି ଯଥା ଶୀଘ୍ର ସାହାବାଜିପୁର ଓ ଉଦୟପୁରରେ ଚେକ୍ ଗେଟ୍ ନିର୍ମାଣ କରାଯାଇ ଓଡ଼ିଶାରୁ ଚୋରା ଖଣିଜ ପଦାର୍ଥକୁ ରୋକିହେବ ସେ ବାବଦରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ନୀଳଗିରି, ୨୪।୨ (ସମିସ): ନୀଳଗିରି ଥାନା ଅଧୀନ ଅଯୋଧ୍ୟା ଗାଁର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ, ଗୁରୁତର ଯୁବକଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚାଲିଛି ଚିକିତ୍ସା। ନୀଳଗିରି ବ୍ଲକ ଅଯୋଧ୍ୟା କଲେଜ ଛକରେ ଗତ ରବିବାର ଅଯୋଧ୍ୟା ଗାଁର ଗୌରମୋହନ ମଲ୍ଲିକଙ୍କ ପୁଅ ରବିଶଙ୍କର ମଲିକ (୨୪) ନାମକ ଯୁବକ ଛିଡ଼ା ହୋଇଥିବା ବେଳେ ସେହି ଗାଁର ବାମନ ନାୟକଙ୍କ ପୁତ୍ର ଚନ୍ଦ୍ରଭାନୁ ନାୟକ (୨୪) ତାଙ୍କୁ ଜାତିଆଣ ଉଠାଇ ମୁଥା, ଗୋଇଠା, ବିଧା ମାରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏତିକି ବେଳେ ଯୁବକଙ୍କ ସମ୍ପର୍କୀୟ ଭାଇ ସେଠାରେ ପହଞ୍ଚି ତାଙ୍କୁ ଘରକୁ ନେଇ ଯାଇଥିଲେ। ପୁଣି ସେହିଦିନ ସନ୍ଧ୍ୟା ୫ ଟା ୩୦ ମିନିଟରେ ଚନ୍ଦ୍ରଭାନୁ ଏବଂ ୩ ଜଣ ସହଯୋଗୀ ତାଙ୍କ ଘରେ ପହଞ୍ଚି ଜୋର ଜବରଦସ୍ତ ଉଠାଇ ଆଣି ନୀଳଗିରି ମିତ୍ରପୁର କଲେଜ ଆଡ଼କୁ ନିକଟ ଏକ ନିଛାଟିଆ ସ୍ଥାନରେ ମରଣାନ୍ତକ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ଗୋଟିଏ ଜଙ୍ଘକୁ କାଟି ରକ୍ତାକ୍ତ କରିଦେଇଥିଲେ। ରବିଶଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କଠାରୁ ବଞ୍ଚିବା ପାଇଁ ଧାଇଁ ପାଖ ଜଙ୍ଗଲରେ ପଶିଯାଇଥିଲେ। କିଛି ଘଣ୍ଟା ପରେ ରବିଶଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କୁ ପରିବାରଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏ ନେଇ

ରାଜ୍ୟରେ ଧାନମଣ୍ଡି ସମସ୍ୟା ଓ ଚାଷୀ ମାରଣ ନୀତିକୁ ବିରୋଧ କରି ରାଜଧାନୀ ଭୁବନେଶ୍ୱରରେ ବିଜେଡିର ବିଶାଳ ସମାବେଶ

ସଞ୍ଝରେ ଢାଳିଲା ବର୍ଷା

ଭୁବନେଶ୍ୱର,୨୪।୨(ସମିସ): ପଶ୍ଚିମା ଝଡ଼ ଓଡ଼ିଶା ଉପର ଦେଇ ଅତିକ୍ରମ କରିବା ସହିତ ଏବେ ଉତ୍ତର ଉପକୂଳ ଓଡ଼ିଶାଠାରୁ ଗାଙ୍ଗେୟ ଉପତ୍ୟାକା ପର୍ଯ୍ୟନ୍ତ ଏକ ଟ୍ରଫଲାଇନ ପଡ଼ିଛି। ଏଥିପାଇଁ ଦୁଇ ଦିନ ମଧ୍ୟରେ ଏହା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା କରାଇଛି। ବିଶେଷ କରି ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ଏହି ବର୍ଷା ହୋଇଛି। ଭୁବନେଶ୍ୱରରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ କିଛି କିଛି ସ୍ଥାନରେ ପବନର ବେଗ ପ୍ରାୟ ୭୫ କିମି ପର୍ଯ୍ୟନ୍ତ ପହଞ୍ଚିଛି। ଭୁବନେଶ୍ୱର ୧୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଦାରିଙ୍ଗବାଡ଼ି ଆଦିରେ ମଧ୍ୟ ବର୍ଷା ହୋଇଛି। ସୋମବାର ଅପରାହ୍ନରେ ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହିତ ବର୍ଷା ସ୍ଥିତି ସୃଷ୍ଟି ହୋଇଥିଲା। ସୋମବାରଠାରୁ ବରଗଡ଼, ବଲାଙ୍ଗିର, କୋରାପୁଟ, ସମ୍ବଲପୁର, କେନ୍ଦୁଝର, ବାରିପଦାରେ ମଧ୍ୟ ବର୍ଷା ଅନୁଭୂତ ହୋଇଛି। ବିଭିନ୍ନ ସ୍ଥାନରେ ଗତକାଲି ବର୍ଷା ହେବା ସହ କୁଆପଥର ମାଡ଼ ହୋଇଛି। ଏହାର ପ୍ରଭାବରେ ଫସଲ ବିଶେଷ କ୍ଷତି ହୋଇନଥିଲେ ମଧ୍ୟ ପରିବା ଚାଷ ଉପରେ ସାମାନ୍ୟ ପ୍ରଭାବ ପଡ଼ିଛି। ଅମଳ ପାଇଁ ଲଗା ଯାଇଥିବା ବିଭିନ୍ନ ଫସଲ କୁଆପଥର ମାଡ଼ରେ ନଷ୍ଟ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବର୍ଷା ପ୍ରଭାବରେ ଅନେକ ମଣ୍ଡିରେ ରହିଥିବା ଧାନ ମଧ୍ୟ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା ବୃଦ୍ଧି ପାଇଛି। ତେବେ ବର୍ଷାର ପ୍ରଭାବ ବୁଧବାରଠାରୁ କମିଯିବ। ଏହାପରେ ଧୀରେ ଧୀରେ ଦିନର ତାପମାତ୍ରା ପୁଣି ଥରେ ବୃଦ୍ଧି ପାଇବ। ଅନ୍ୟପଟେ ମଙ୍ଗଳବାର ମଧ୍ୟ ପାରଳାଖେମୁଣ୍ଡିରେ ତାପମାତ୍ରା ୩୬.୬ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଝାରସୁଗୁଡ଼ାରେ ତାପମାତ୍ରା ୩୫.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏକାଧିକ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି।

ଧାନ କିଣା ପ୍ରସଙ୍ଗରେ ପୁଣି ଗୃହ ଅଚଳ

- ମୁଖ୍ୟ ବିରୋଧୀଦଳ ଅନୁପସ୍ଥିତିରେ ମୁଲତବୀ ଆଲୋଚନା
- ଅପରାହ୍ନରେ ଗାନ୍ଧୀମୂର୍ତ୍ତି ତଳେ କଂଗ୍ରେସର ବିରୋଧ ପ୍ରଦର୍ଶନ
- କଂଗ୍ରେସ କାନ୍ଧରେ ବନ୍ଧୁକ ରଖି
- ବିନା ବିଜେଡିରେ ଗୃହରେ ଆଲୋଚନା ହେଲା କଂଗ୍ରେସର ମୁଲତବୀ ପ୍ରସ୍ତାବ
- ବିଜେଡିର କ୍ଷୋଭ, କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ଚାଷୀ ପ୍ରସଙ୍ଗ ଆଲୋଚନା ନକରିବାକୁ ସରକାର କରିଛନ୍ତି ଷଡ଼ଯନ୍ତ୍ର

ଭୁବନେଶ୍ୱର,୨୪।୨(ସମିସ): ବଜେଟ ଅଧିବେଶନର ଶେଷ ଦିନରେ ମଧ୍ୟ ଗୃହରେ ହଙ୍ଗାମା କରିଛନ୍ତି ବିରୋଧୀ। ଧାନକିଣା ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଙ୍ଗାମା କାରଣରୁ ପ୍ରଶ୍ନକାଳ ଚାଲିପାରିନଥିବା ବେଳେ କଂଗ୍ରେସ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇନାହିଁ ବିଜେଡି। ଏପରିକି ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ନ ଆଣି ମୁଲତବୀ ମୁଲତବୀ ଆଲୋଚନା କରିବାକୁ ନେଇ ବିଜେଡି ଉପମୁଖ୍ୟ ସେଚତକ ପ୍ରତାପ କେଶରୀ ଦେବ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାହ୍ନରେ କଂଗ୍ରେସ ଧାନକିଣା ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରିବା ସହ ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଛି ବିନା ବିରୋଧୀଙ୍କ ଅଂଶଗ୍ରହଣରେ ଗୃହରେ ବଜେଟ ଉପରେ ସାଧାରଣ ଆଲୋଚନା ସମ୍ପନ୍ନ ହୋଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମାର୍ଚ୍ଚ ୯ ତାରିଖ ଅପରାହ୍ନ ୧୦ଟା ୩୦ ମିନଟ ଯାଏଁ ମୁଲତବୀ ରଖିଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ଶୂନ୍ୟକାଳ ଆରମ୍ଭ ହେବା କ୍ଷଣି ପୁନର୍ବାର ବିଜେଡି ବିଧାୟକମାନେ ଧାନ କିଣା ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ସେହିସମୟରେ କଂଗ୍ରେସ ସଦସ୍ୟ ନିଜ ନିଜ ଆସନରେ ବସିରହି ଶୂନ୍ୟକାଳ ଆଲୋଚନାରେ ଧାନ କିଣା ପ୍ରସଙ୍ଗ ଉଠାଇଥିଲେ। ତେବେ ବିଜେଡି ସଦସ୍ୟ ନିଜର ହଙ୍ଗାମା ଜାରି ରଖିବା କାରଣରୁ ବାଚସ୍ପତି ଗୃହକୁ ୧୧ଟା ୪୬ ମିନଟରୁ ୧୨ଟା ୦୫ ଯାଏଁ ମୁଲତବୀ ରଖିଥିଲେ।

ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଗୃହରେ କଂଗ୍ରେସ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରିଥିଲେ। ଏହାକୁ ନେଇ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଗୃହ ବର୍ତ୍ତମାନ ଚାଲିବା ଅବସ୍ଥାରେ ନାହିଁ। ମାତ୍ର ଆପଣ ଗୃହକୁ ଚଳାଉଛନ୍ତି। କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ସରକାର ଚାଷୀ ପ୍ରସଙ୍ଗ ଗୃହରେ ଆଲୋଚନା ନ କରିବାକୁ ଚାହୁଁଛନ୍ତି। ଏହି ଷଡ଼ଯନ୍ତ୍ର ସଫଳ ହେବ ନାହିଁ ବୋଲି ଶ୍ରୀ ଦେବ କହିଥିଲେ। ଏହାସହ ବିଜେଡି କକ୍ଷତ୍ୟାଗ କରିଥିଲା। ଅପରପକ୍ଷେ ମୁଲତବୀ ଆଲୋଚନା ସମାପ୍ତ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବିଜେଡି ଆଦୌ ଗୃହକୁ ଆସିନଥିଲା। ସେହିପରି କଂଗ୍ରେସ ସଦସ୍ୟମାନେ ପୁନର୍ବାର ଧାନକିଣା ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା, ନାରାବାଜି କରିଥିଲେ। ଗୃହକୁ ବାଚସ୍ପତି ପ୍ରଥମେ ୪ଟା ୨୭ରୁ ୪ଟା ୪୨ ଏବଂ ୪ଟା ୪୨ରୁ ୪ଟା ୫୭ ଯାଏଁ ମୁଲଲତବୀ ରଖିଥିଲେ। ଏହାପରେ ଗୃହରେ ବଜେଟ ଉପରେ ସାଧାରଣ ଆଲୋଚନା ବିନା ବିରୋଧୀଙ୍କ ଅଂଶଗ୍ରହଣରେ ଆରମ୍ଭ ହୋଇଥିଲା। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିବା ବେଳେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିବା ସହ ଗାନ୍ଧୀମୂର୍ତ୍ତି ତଳେ ନିଜର ପ୍ରତିବାଦ ଜଣାଇଥିଲେ।

ନାବାଳିକା ଗଣଦୁଷ୍କର୍ମ ମାମଲା, ୪ ଗିରଫ

ବାରିପଦା, ୨୪।୨(ସମିସ): ନାବାଳିକା ଗଣଦୁଷ୍କର୍ମ ଘଟଣାରେ ସୋମବାର ବାଙ୍ଗିରିପୋଷି ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ବାଙ୍ଗିରିପୋଷି ଥାନା ସୋରିଷପାଳ ଗ୍ରାମର ନବ ହାଁସଦା, ବିରୁଡ଼ି ଗ୍ରାମର ସାଲଖାନ ଟୁଡୁ, କଦମଡିହା ଗ୍ରାମର ସୁରାରି ହାଁସଦା ଓ ମଝିଗାଁର ଡମନ ହେମ୍ବ୍ରମ। ଅଭିଯୋଗ ଅନୁସାରେ, ଏହି ୪ ଅଭିଯୁକ୍ତ ୪/୫ମାସ ତଳେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏହାସହ ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରି ଦେବାକୁ ତାକୁ ଧମକ ଦେଇଥିଲେ। ନାବାଳିକାଜଣଙ୍କ ଭୟଭୀତ ହୋଇ ଚୁପ୍ ରହିଥିଲେ। ହେଲେ କିଛି ଦିନ ହେବ, ତାଙ୍କ ଶରୀରରେ ପରିବର୍ତ୍ତନ ଦେଖାଦେବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାକୁ ପଚରାଉଚୁରା କରିବାରୁ ନାବାଳିକାଜଣଙ୍କ ତା' ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସଂପର୍କରେ ସବୁ କହିଥିଲା ପରେ, ପରିବାରଲୋକେ ତାକୁ ହସ୍ପିଟାଲ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରୁ ସେ ୪ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ବାଙ୍ଗିରିପୋଷି ଥାନାରେ ୪ ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଥିଲେ।

ପ୍ରେମ ପାଇଁ ପିଶାଚୀ ସାଜିଲା ଝିଅ

ପ୍ରେମିକ ସହ ମିଶି ମା' ଓ ଭାଇକୁ ହତ୍ୟା

କୋରାପୁଟ/ ବୋରିଗୁମ୍ମା, ୨୪।୨(ସମିସ): ପ୍ରେମ ପାଇଁ ପିଶାଚୀ ସାଜିଲା ଝିଅ। ପ୍ରେମିକ ସହ ମିଶି ମାଆ ଓ ଭାଇର ଜୀବନ ନେଲା। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ଏଭଳି ଏକ ଜଘନ୍ୟକାଣ୍ଡ ଘଟିଛି। ଦୁଇ ଦିନ ଧରି ନିଖୋଜ ଥିବା ମା'-ପୁଅଙ୍କ ଶବକୁ ଆଜି ପୁଲିସ ଉଦ୍ଧାର କରିଛି।

ସୂଚନାନୁସାରେ, ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ଅନୁଷ୍କା ପରିଡା (୪୫) ପୁଅ ଏହେମ ପରିଡ଼ା (୧୪) ଏବଂ ନାବାଳିକା ଝିଅ (୧୬) ରହୁଥିଲେ। ୨୦ ତାରିଖରେ ସମ୍ପର୍କୀୟ ମା'-ପୁଅ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ମୋବାଇଲ ବନ୍ଦ ଥିବାରୁ କିଛି ଅଘଟଣ ଘଟିଥିବା ସନ୍ଦେହ କରି ୨୧ ତାରିଖରେ ବୋରିଗୁମ୍ମା ଥାନାରେ ମା'-ପୁଅ ନିଖୋଜ ନେଇ ଏକ ଲିଖିତ ଅଭିଯୋଗ

ହୋଇଥିଲା। ଅଭିଯୋଗକୁ ନେଇ ବୋରିଗୁମ୍ମା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସୋମବାର କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡିରା ମୁଣ୍ଡା କେନାଲରେ ଏକ ଅଖାରେ ଶବ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଅଗ୍ନିଶମ ବିଭାଗ ଏବଂ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତାହା ନିଖୋଜ ଏହେମ ପରିଡ଼ାର ବୋଲି ଚିହ୍ନଟ କରିଥିଲା। ଏହେମର ଗଳା କାଟି ହାତ ଗୋଡ଼ ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ମଙ୍ଗଳବାର ଦିନ ଜୟନ୍ତୀଗିରି କେନାଲରୁ ଅନୁଷ୍କାଙ୍କ ମୃତଦେହ ଉଦ୍ଧାର ହୋଇଛି।

ସମ୍ପର୍କୀୟଙ୍କ କହିବା ଅନୁଯାୟୀ, ଅନୁଷ୍କାଙ୍କ ନାବାଳିକା ଝିଅ ସ୍ଥାନୀୟ ଅଞ୍ଚଳର ଜଣେ ପୁଅକୁ ଭଲ ପାଉଥିଲା। ଅନୁଷ୍କା ଏହାକୁ ବିରୋଧ କରିଆସୁଥିଲେ। ଏହାକୁ ନେଇ ଅଧିକାଂଶ ସମୟରେ ପରିବାରରେ ଅଶାନ୍ତି ଦେଖାଦେଉଥିଲା। ଏଥିରେ ଉତ୍ୟକ୍ତ ହୋଇ ସବୁଦିନ ପାଇଁ ମା'କୁ ରାସ୍ତାରୁ ହଟାଇବା ପାଇଁ ପ୍ରେମିକ ସହ ମିଶି ଝିଅ ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ପୁଲିସ ଉକ୍ତ ନାବାଳିକା, ତା'ର ପ୍ରେମିକ ଓ ଅନ୍ୟଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ଅପରାହ୍ନରେ ପୁଲିସ ହତ୍ୟାକାରୀ ପ୍ରେମିକ ଏବଂ ଅନ୍ୟଜଣଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ୍ କରାଇଛି। ହତ୍ୟାକାଣ୍ଡରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ଏବଂ ପ୍ରକୃତ ହତ୍ୟାକାଣ୍ଡର କାରଣ ଉପରେ ଅଧିକ ତଦନ୍ତ ଚାଲିଥିବା ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ମୃତ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ବୋରିଗୁମ୍ମା ଥାନାରେ ଦୁଇଦିନ ପୂର୍ବେ ନିଖୋଜ ନେଇ ଏତଲା ଦେଇଥିଲେ।

ପଞ୍ଚାୟତ ନିର୍ବାଚନ: ମନମୋହନଙ୍କ 'ହଁ', ରବିନାରାୟଣଙ୍କ 'ନା'

ଭୁବନେଶ୍ୱର,୨୪।୨(ସମିସ): ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ହେବ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କିଛିଦିନ ତଳେ ଏ ସଂକ୍ରାନ୍ତରେ ଇଙ୍ଗିତ ଦେଇଥିଲେ । ଏଥିପାଇଁ ଦଳର କର୍ମୀ ଓ ନେତାଙ୍କୁ ପ୍ରସ୍ତୁତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏ ସଂକ୍ରାନ୍ତରେ ଦଳୀୟ କାର୍ଯ୍ୟାଳୟରେ ଏକାଧିକ ବୈଠକ ମଧ୍ୟ ହୋଇଛି । ଯାହାକୁ ନେଇ ରାଜ୍ୟରେ ରାଜନୈତିକ ପାଣିପାଗ କ୍ରମଶଃ ଉଷ୍ମ ହେବାରେ ଲାଗିଛି । ଏହି ସମୟରେ ଅଦିନିଆ ବର୍ଷା ପରି ପଞ୍ଚାୟତ ରାଜନୀତିକୁ ଥଣ୍ଡା କରିଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଉଲ୍ଲେଖ କରି ସବୁ କଳ୍ପନାଜଳ୍ପନାକୁ ଶୀତଳ କରି ଦେଇଛନ୍ତି ମନ୍ତ୍ରୀ ଶ୍ରୀ ନାୟକ।

ମଙ୍ଗଳବାର ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ, ରାଜ୍ୟରେ ନିର୍ଦ୍ଧାରିତ ସମୟ ୨୦୨୭ ଫେବୃୟାରୀ ପୂର୍ବରୁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏହାସହିତ ବ୍ଲକ୍ ଓ ପଞ୍ଚାୟତ ପୁନର୍ଗଠନ ନେଇ ମଧ୍ୟ ସରକାର ପ୍ରଶାସନିକ ସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରି ନାହାନ୍ତି। ମନ୍ତ୍ରୀଙ୍କ ଉତ୍ତର ପରେ ଅନ୍ତତଃପକ୍ଷେ ଆଗୁଆ ପଞ୍ଚାୟତ ନିର୍ବାଚନ ଚର୍ଚ୍ଚା ଉପରେ ବିରାମ ଲାଗିଛି।

ଗତମାସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ କର୍ମୀମାନଙ୍କୁ ପାର୍ଟି ଅଫିସରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାର ୨-୩ମାସ ମଧ୍ୟରେ ଅର୍ଥାତ୍ ଆଗାମୀ ୬ମାସ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହୋଇପାରେ ବୋଲି ଶ୍ରୀ ସାମଲ ସଙ୍କେତ ଦେଇଥିଲେ। ହେଲେ ଏହି ବୟାନ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ପରୋକ୍ଷରେ ଏହି ଆଗୁଆ ନିର୍ବାଚନ ସମ୍ଭାବନାକୁ ଖଣ୍ଡନ କରିଥିଲେ।

ପାରାଦୀପ ସମୁଦ୍ର କୂଳରେ ଲାଗିଲା ବିରାଟ ତିମି ମୃତଦେହ

ପାରାଦୀପ, ୨୪।୨ (ସମିସ): ପାରାଦୀପ ଲାଇଟ୍ ହାଉସ ପାଖ ଷଣ୍ଢକୁଦ ନିକଟ ସମୁଦ୍ର କୂଳରେ ଲାଗିଛି ବିରାଟକାୟ ତିମିର ଗଳିତ ମୃତଦେହ। ଆଜି ଅପରାହ୍ନରେ ଷଣ୍ଢକୁଦ ନିକଟ ସମୁଦ୍ର କୂଳରେ ଏହି ତିମିଟି କୂଳ ପାଖାପାଖି ହେବା ପରେ ଏହାକୁ କିଛି ଲୋକ ଦେଖିଥିଲେ। ଯେହେତୁ ସେଠାରେ ପାଖାପାଖି ବହୁ ମତ୍ସ୍ୟଜୀବୀ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ରହୁଛନ୍ତି, ସେମାନେ କୂଳରେ ପହଞ୍ଚି ଦେଖିବା ବେଳକୁ ଏହା ଏକ ମୃତ ତିମି ବୋଲି କହିଥିଲେ। କେଉଁ କାରଣରୁ ତିମିର ମୃତ୍ୟୁ ହୋଇଛି, ତାହା ଜଣାପଡି ନ ଥିଲେ ମଧ୍ୟ କୌଣସି ଜାହାଜରେ ପିଟି ହୋଇ ମରିଥିବା ଅନୁମାନ କରାଯାଉଛି।

୨୦ ବର୍ଷ ତଳେ ପାରାଦୀପ ସମୁଦ୍ର କୂଳରେ ଏଭଳି ଭାବେ ଏକ ବିରାଟ ତିମି ଲାଗିଥିଲା। ପୁଣି ଦୀର୍ଘ ଦିନ ବ୍ୟବଧାନ ପରେ ଆଜି ଆଉ ଏକ ତିମି କୂଳରେ ଲାଗିଛି। ମୃତ ତିମିଟି ପାଖାପାଖି ୯.୩ ମିଟର ଅର୍ଥାତ୍ ୩୦ ଫୁଟରୁ ଅଧିକ ଲମ୍ବା ହୋଇଥିବା ବେଳେ ଓଜନ ଏକ ଟନ୍‌ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତିମି ଦେହରେ କେତେକ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତିମି ଦେହରୁ ବାହାରୁଥିବା ଦୁର୍ଗନ୍ଧରୁ ଏହା ପାଖାପାଖି ୧୫ଦିନରୁ ଊର୍ଦ୍ଧ୍ୱ ହେବ ମରିଥିବା ଅନୁମାନ କରାଯାଉଛି। ଖବର ପ୍ରଚାରିତ ହେବା ପରେ ଏହାକୁ ଦେଖିବାକୁ ସମୁଦ୍ର କୂଳରେ ପ୍ରବଳ ଭିଡ଼ ଦେଖାଦେଇଥିଲା।

ଅବଶିଷ୍ଟାଂଶ

ସରକାରଙ୍କ ନିଦ...

ସବସିଡିରୁ ୧୫କୁଇଣ୍ଟାଲ ସିଲିଂ ଉଠାଇବା ସହ ୪୮ ଘଣ୍ଟାରେ ଡିବିଟିରେ ଚାଷୀଙ୍କୁ ଟଙ୍କା ପ୍ରଦାନ ସହ ଖୋଲାରେ ପଡ଼ିଥିବା ଧାନକୁ ୭୨ ଘଣ୍ଟାରେ କିଣାଯାଉ ବୋଲି ଦାବି କରିଥିଲି। ମାତ୍ର ୧୫ ଦିନ ବିତିଗଲା, କିନ୍ତୁ କିଛି ହେଲାନାହିଁ। ପ୍ରଚାରରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଚାଷୀଙ୍କ ପାଇଁ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଗତ ୮ ଦିନ ହେଲା ଚାଷୀଙ୍କ ସମସ୍ୟା ପାଇଁ ବିଜେଡି ବିଧାନସଭାରେ ଲଢୁଛି; କିନ୍ତୁ ଏ ସରକାରର ଚାଷୀ ପ୍ରତି ଖାତିର ହିଁ ନାହିଁ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି ।

ନବୀନ ପୁଣି କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା କଥା ନ କହିବା ଭଲ। ଏ ରାଜ୍ୟରେ କେହିବି ନିରାପଦ ନୁହନ୍ତି। ଚାଷୀ ତାର ହକ ପାଉନି; ମାମାନଙ୍କୁ ସୁରକ୍ଷା ମିଳୁନି। ଯୁବ ସମାଜକୁ ରୋଜଗାର ମିଳୁନି। ସବୁ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେଉଛି। ଏ ସରକାର ଗୋଟିଏ ହେଲେ ବି ପରୀକ୍ଷାକୁ ସଠିକ୍ ଢଙ୍ଗରେ କରିପାରିଲେ ନାହିଁ। ସାଧାରଣ ଲୋକର ଦୁଃଖ ସରୁନଥିବା ବେଳେ ଏ ସରକାର କରୁଛି କଣ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସରକାରଙ୍କୁ ପରାମର୍ଶ ଦେଇ ନବୀନ କହିଥିଲେ ଯେ ଲୋକଙ୍କୁ ସେବା ଦରକାର, ନେତାଙ୍କ ପ୍ରବଚନ ନୁହେଁ। କାହାଣୀରେ ସରକାର ଚାଲେନି, କାମ ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାବେଶରେ ୧୦ ହଜାରରୁ ଅଧିକ ଚାଷୀ ତଥା ବିଜେଡି କର୍ମୀ ଯୋଗ ଦେଇଥିଲେ।

ଭାରତ ଉପରେ...

ଶୁଳ୍କ ଦେବାକୁ ପଡିବ, ଯାହା ସେମାନେ ବର୍ତ୍ତମାନ ରାଜି ହୋଇଥିବା ଟାରିଫ୍‌ଠାରୁ ବି ଅଧିକ ହେବ। ବିଶେଷକରି ଯେଉଁ ଦେଶମାନେ ବର୍ଷ ବର୍ଷ ଧରି ଆମେରିକାକୁ ଠକି ଆସିଛନ୍ତି ସେମାନଙ୍କୁ ସତର୍କ ରହିବାକୁ ପଡିବ ବୋଲି ସେ ଚେତାଇ ଦେଇଛନ୍ତି।

ବଜାର ବିଶେଷଜ୍ଞମାନେ କୁହନ୍ତି ଯେ ଟ୍ରମ୍ପଙ୍କ ପୋଷ୍ଟର ସମୟ ଏବଂ ଶବ୍ଦ ଭାରତ ଆଡ଼କୁ ଇଙ୍ଗିତ କର

୩ ରେଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ସାଂସଦଙ୍କ ସମୀକ୍ଷା

ବାରିପଦା,୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ବହୁ ଆକାଂକ୍ଷିତ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢାମରା-ଚାକୁଳିଆ ଓ ବାଦମପାହାଡ-କେନ୍ଦୁଝର ଏହି ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ୨୦୨୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କରିଥିବାବେଳେ ଏଗୁଡିକର କାର୍ଯ୍ୟାନ୍ୱୟନକୁ ନେଇ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଏଥିରେ ଜିଲ୍ଲାପାଳଙ୍କ ସହ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହିଥିଲେ। ବୁଢାମରା-ଚାକୁଳିଆ ପ୍ରକଳ୍ପର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୧୬.୨୦କିଲୋମିଟର ରାସ୍ତାର ସର୍ଭେ ସମାପ୍ତ ହୋଇସାରିଥିବା ବେଳେ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ ଏବଂ ଏଥିପାଇଁ ଭୂମି ଅଧିଗ୍ରହଣ ବିଭାଗ ପାଖକୁ ଅନୁଦାନ ରାଶି ମଧ୍ୟ ପହଞ୍ଚି ସାରିଛି। ଦ୍ୱିତୀୟ ପ୍ରକଳ୍ପ ବାଦାମପାହାଡ-କେନ୍ଦୁଝର ଦୂରତ୍ୱ ହେଉଛି ୪୭.୪୬କିଲୋମିଟର। ଏହି ପ୍ରକଳ୍ପର ସର୍ଭେ ରିପୋର୍ଟ ଅନୁଯାୟୀ ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଗୁଡିକ ଚିହ୍ନଟ ପ୍ରକ୍ରିୟା ସରିଛି। ଏଥିରେ ଯାହା ସମାସ୍ୟା ରହିଛି ଚଳିତ ସପ୍ତାହ ମଧ୍ୟରେ ତାର ସମାଧାନ ହୋଇଯିବ ଏବଂ ଏହାପରେ ତାର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଯିବ। ସେହିପରି ତୃତୀୟ ପ୍ରକଳ୍ପ ଟି ହେଲା ବାଙ୍ଗିରିପୋଷୀ-ଗୋରୁମହିଷାଣି ରେଳପଥ। ଏଥିରେ ଗୋରୁମହିଷାଣି, ବିଜାତୋଳା, ବିଶୋଇ ବ୍ଲକର ଏରିଆ ପର୍ଯ୍ୟନ୍ତ ସର୍ଭେ ସମାପ୍ତ ସରିଛି। ଏହି ପ୍ରକଳ୍ପଟି ଶିମିଳିପାଳ ଅଞ୍ଚଳ ଦେଇ ଯାଉଥିବାରୁ ଏଥିରେ ଜମି ଅଧିଗ୍ରହଣ ଏନଟିସିଏ ପକ୍ଷରୁ ପରମିସନ ପାଇବାରେ ବିଳମ୍ବ ହେଉଛି। ଖୁବଶୀଘ୍ର ଏହାର ମଧ୍ୟ ସମାଧାନ ସରିବ ଏବଂ ୩ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ।

ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୨୪।୨(ସମିସ): ସୋମବାର ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ମଙ୍ଗଳବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଉକ୍ତ ଦୁଃଖଦ ଘଟଣା ଘଟିଯାଇଛି। ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଦମ୍ପତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଦମ୍ପତି ଦ୍ୱୟ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ କାଲିମାଟି ଗ୍ରାମର ସ୍ୱାମୀ ଲକ୍ଷ୍ମଣ ମାର୍ଣ୍ଡି ଓ ସ୍ତ୍ରୀ ମାନି ମାର୍ଣ୍ଡି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ତଦନ୍ତ ଜାରି ରହିଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହଳଦିବଣି ଗ୍ରାମ ନିକଟସ୍ଥ ଜୁହା ପାହାଡ଼ ଏକ ଗଛରେ ଦମ୍ପତିଙ୍କୁ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକମାନେ ଛେଳି ଚରାଇବାକୁ ଯାଇଥିବାବେଳେ ଦେଖିଥିଲେ। ଏ ନେଇ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହକୁ ଉଦ୍ଧାର କରିଥିଲେ। ଦମ୍ପତି ଗ୍ରାମରେ ରହୁଥିବାବେଳେ ତାଙ୍କର କେହି ସନ୍ତାନ ନ ଥିଲେ। ସେମାନେ ସ୍ୱଚ୍ଛଳ ଭାବେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସେ ଆତ୍ମହତ୍ୟା କରିଛନ୍ତି କିମ୍ବା କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାରେ ରୂପ ଦେଇଛି, ସେନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡିଛି।

ବାରିପଦା ମହିଳା ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ

ବାରିପଦା, ୨୪।୨(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରି କହିଥିଲେ, ବାପା, ମାଆମାନେ କିଛି ନା କିଛି ସ୍ୱପ୍ନ ନେଇ ନିଜ ପିଲାମାନଙ୍କୁ ପାଠ ପଢାଇଥା'ନ୍ତି। ପିଲାମାନେ ମଧ୍ୟ ପାଠ ପଢି କୌଣସି ନା କୌଣସି ଚାକିରି ବା ବୃତ୍ତିରେ ଅବସ୍ଥାପିତ ହେବାକୁ ସ୍ୱପ୍ନ ଦେଖିଥା'ନ୍ତି। ତେବେ ସେମାନେ ପାଠପଢ଼ା ସମୟରେ ହେଉ ଅବା ପାଠପଢ଼ା ପରେ ହେଉ ଉପଯୁକ୍ତ ପରାମର୍ଶ ଅଭାବରୁ ବହୁ ମେଧାବୀ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିପାରନ୍ତିନାହିଁ। ଏଣୁ ଏହି ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଆମ ଛାତ୍ରୀମାନଙ୍କ ପାଇଁ ଖୁବ ଉପାଦେୟ ହେବ। ଭୁବନେଶ୍ୱର "ଟ୍ରାଇଟେଣ୍ଡ ଏକାଡେମୀ ଅଫ କ୍ରିଏଟିଭ ଟେକ୍ନୋଲୋଜି'ର ବାୟୋଟେକ୍ନୋଲୋଜି ତଥା ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ. ଅରୂପ ସରକାର ଓ ଡ. ସୋମନାଥ ଜେନା ଯୋଗଦେଇ ବାୟୋଟେକ୍ନୋଲୋଜି ପାଠ୍ୟକ୍ରମରେ ବୃତ୍ତି ଓ ଅନ୍ୟାନ୍ୟ ବୃତ୍ତି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବୃତ୍ତି ପରାମର୍ଶ ସେଲର ସଂଯୋଜିକା ତଥା ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଦେବପ୍ରିୟ ପରିଡା ସ୍ୱାଗତ ଭାଷଣ ଦେଇଥିଲାବେଳେ ସହସଂଯୋଜିକା ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ମନୀଷା ହେମ୍ବ୍ରମ୍ ଓ ଡ. ଦିନେଶ ନାୟକ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ବୃତ୍ତି ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏ ଅବସରରେ ଧାରଣୀୟ ବିକାଶ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

କୁସଂସ୍କାର ବିରୋଧରେ ମୟୂରଭଞ୍ଜ ପୁଲିସର ଅଭିଯାନ

ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସ ନିବାରଣ ପାଇଁ କର୍ମଶାଳା

ବାରିପଦା,୨୪।୨(ସମିସ):

ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ଓ ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବା ପାଇଁ ମୟୂରଭଞ୍ଜ ପୁଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ପୁଲିସର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା ଭୁବନେଶ୍ୱରର ମାର୍ଗଦର୍ଶନରେ "ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସ ନିବାରଣ' ବିଷୟବସ୍ତୁକୁ ନେଇ ଏକ ରେଞ୍ଜ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସମାଜରେ ପ୍ରଚଳିତ ବିଭିନ୍ନ କୁସଂସ୍କାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁଲିସ ବିଭାଗ ପକ୍ଷରୁ କେତେକ ମୁଖ୍ୟ ଆହ୍ୱାନ ଦିଆଯାଇଛି।

ଏଥିରେ ଗୁଣିଗାରେଡ଼ି ଓ ତନ୍ତ୍ରମନ୍ତ୍ର ଭଳି କୁସଂସ୍କାରକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବାକୁ କୁହାଯାଇଛି। ସେହିପରି ଭଣ୍ଡ ବାବା, ତାନ୍ତ୍ରିକ ଓ କଳାଯାଦୁ ନାଁରେ ଠକୁଥିବା ବ୍ୟକ୍ତିଙ୍କ ବିଷୟରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଅନ୍ଧବିଶ୍ୱାସ ପରିବର୍ତ୍ତେ ବୈଜ୍ଞାନିକ ଚିନ୍ତାଧାରା ଓ ସଚେତନତାକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ଧବିଶ୍ୱାସ ଯୋଗୁଁ ନିରୀହ ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ପାଇଁ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯିବ। ପୁଲିସ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ସୋସିଆଲ ମିଡିଆର ସହାୟତା ନେଉଛି। ଜନସାଧାରଣ କୌଣସି ବି ଅଭିଯୋଗ ପାଇଁ ପୁଲିସର ଭଳି ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଯୋଗାଯୋଗ କରିପାରିବେ। 'ବିଜ୍ଞାନ ଉପରେ ବିଶ୍ୱାସ ରଖନ୍ତୁ, ଅନ୍ଧବିଶ୍ୱାସ ଉପରେ ନୁହେଁ' ଏହି ବାର୍ତ୍ତା ସହ ମୟୂରଭଞ୍ଜ ପୁଲିସ ନିରୀହ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛି।

ବାରିପଦା ସହରସ୍ଥ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଡିଆଇଜି ମିନାକ ମିଶ୍ର ଯୋଗ ଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଡୁପାଲ୍ଲୀ, ରିସର୍ଚ୍ଚ ପର୍ସନ ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ଏଡିଜେ ନମିତା ଦାଶ, ଅନ୍ତଦ୍ୟୋୟ ଚେତନା ମଣ୍ଡଳୀର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ, ଡିସିପିଓ ମମତାମୟୀ ବିଶ୍ୱାଳ, ସହକାରୀ ପ୍ରଫେସର ସୁଜୟ କୁଣ୍ଡୁ ଯୋଗ ଦେଇ ସଚେତନତା ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ, ଆକ୍ସନ ପ୍ଲାନ ପ୍ରସ୍ତୁତି ଓ ସାଇଣ୍ଟିଫିକ ଟେମ୍ପାରମେଣ୍ଟ ମାଧ୍ୟମରେ ଅନ୍ଧବିଶ୍ୱାସ ଜନିତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇନଗତ ପ୍ରାବଧାନ, ଆଇନଗତ ସୁବିଧା ସୁଯୋଗ ଇତ୍ୟାଦି ବିଷୟରେ ବିସ୍ତୃତ ଭାବରେ ସମସ୍ତେ କହିଥିଲେ। ପୁଲିସର ଭୂମିକା, ଆଇନ ଅନୁଯାୟୀ ବିଭିନ୍ନ ଧାରା, ଦଫା ଓ ସହାୟତା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହିଭଳି କୁସଂସ୍କାର ଓ ଅନ୍ଧବିଶ୍ୱାସର ପୃଷ୍ଠଭୂମି ଓ ଇତିହାସ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ଅତିରିକ୍ତ ଏସପି ଦିପକ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ପୁଲିସ ରେଞ୍ଜର ସମସ୍ତ ଥାନାଧିକାରୀ ଯୋଗଦେଇ ଥିଲେ। ତେବେ ଶିକ୍ଷା ଓ ସଚେତନତା ହିଁ ଅନ୍ଧବିଶ୍ୱାସ ଓ ଡାହାଣୀ ନାଁରେ ନିର୍ଯ୍ୟାତନା ଏବଂ ହିଂସାକୁ ରୋକାଯାଇପାରିବ ବୋଲି ସମସ୍ତଙ୍କ ମତ ପ୍ରକାଶ ପାଇଥିଲା।

ଖଣ୍ଡିଆନାଳ ସାହିବାସିନ୍ଦାଙ୍କୁ ଚୁଆପାଣି ଭରସା

ତେଲକୋଇ, ୨୪।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ତମାଙ୍ଗ

ଗ୍ରାମର ଖଣ୍ଡିଆନାଳ ସାହିବାସିନ୍ଦା ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି। ସାହି ନିକଟରେ ଥିବା ଝରଣାରୁ ପାନୀୟଜଳ ସଂଗ୍ରହ କରି ଜୀବନ ବଞ୍ଚାଉଥିବା ବିକଳ ଚିତ୍ର ଦେଖିବାକୁ ମିଳିଛି। ଉକ୍ତ ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଭୂୟାଁ ଜନଜାତି ବସବାସ କରୁଥିବା ବେଳେ ଶତାଧିକ ଲୋକ ରହିଛନ୍ତି। ମୁଖ୍ୟତଃ ଜୀବନ ବଞ୍ଚାଇବା ପାତ୍ର ବିଶୁଦ୍ଧ ପାନୀୟଜଳ ଟୋପେ ମିଳି ପାରୁ ନଥିବା ବେଳେ ବାଧ୍ୟହୋଇ ଝରଣାରୁ ଚୁଆ ଖୋଳି ପାନୀୟଜଳ ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି। ସେହିପରି ଅପରିଷ୍କାର ଥିବା ଝରଣା ଜଳରେ ଗାଧୋଉଥିବା ଯୋଗୁଁ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ସାହିର ଦୁଃଶାସନ ଦେହୁରୀ ଅଭିଯୋଗ କରିଛନ୍ତି। ତୁରନ୍ତ ପାନୀୟଜଳର ବ୍ୟବସ୍ଥା ପାଇଁ ପଞ୍ଚ।।ୟତ, ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳି ପାରିନାହିଁ। ଅନ୍ୟପକ୍ଷରେ ସାହିର ଅନତି ଦୂରରେ ଏକ ନଳକୂପ ଥିଲେ ମଧ୍ୟ ଦୂଷିତ ପାଣି ବାହାରୁଥିବାରୁ ବାଧ୍ୟହୋଇ ଝରଣାରୁ ପାନୀୟଜଳ ସଂଗ୍ରହ କରି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଉଥିବା ସାହିର ବୀଣାପାଣି ଦେହୁରୀ, କୁନି ଦେହୁରୀ, ଚାଁଆଁର ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ପୂର୍ବରୁ ପଞ୍ଚାୟତ ପକ୍ଷରୁ ପାନୀୟଜଳ ଯୋଗାଇ ଦେବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

ଘସିପୁରା ପାଲାକାର ସଂଘର ବାର୍ଷିକ ଉତ୍ସବ

ଆନନ୍ଦପୁର, ୨୪।୨(ସମିସ): ସଂସ୍କୃତି ଭବନରେ ଘଷିପୁରା ବ୍ଲକ ପାଲାକାର ସଂଘର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପଦେଷ୍ଟା ପଣ୍ଡିତ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ନାୟିକା ମିଲି ମହାନ୍ତି, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ପାଲାକାର ସଂଘ ସଭାପତି ରମାକାନ୍ତ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, କାଉନସିଲର ଉର୍ବଶୀ ସାହୁ, ବିଜେପି ନେତା ସୁରେଶ ସାହୁ, ମୁଖ୍ୟବକ୍ତା ଡ଼ ପ୍ରଦୀପ ମହାନ୍ତି, ସଂସ୍କୃତି ସଂଘ ସଭାପତି ଧିରେନ ମହାନ୍ତି ଯୋଗ ଦେଇଥିଲେ। ଗାୟକ ମଧୁସୂଦନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଗାୟକ ସନାତନ ମହାରଣା, ନବଘନ ସାହୁ, ଚିନ୍ତାମଣି ପାଣିଗ୍ରାହୀ, ସୁଶାନ୍ତ ନାଥ, ବୈକୁଣ୍ଠନାଥ ଦାଶ, ଦୁଷ୍ମନ୍ତ ମହାନ୍ତି, ରଙ୍ଗାଧର ବେହେରା, ନବଘନ ପତି, ଗୋପାଳଚନ୍ଦ୍ର ଝୁନୁଲତା ଜେନା, ଶୁକଦେବ ରଣା ନବଘନ ସାହୁ, ସୁବାସଚନ୍ଦ୍ର ପଲେଇ, କମଳିନୀ ନାୟକ, ଜୟଦେବ ନାୟକ, ଗଣେଶ ମହାକୁଡ, ସୁବାଶିଷ ଶତପଥୀ, ଜ୍ୟୋତିପ୍ରକାଶ ସାହୁ, ସୁଶାନ୍ତ ଜେନା, ବାୟକ ପାଳିଆ ଯୋଗ ଦେଇଥିଲେ।

ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲେ ପୂର୍ବତନ ଛାତ୍ରୀ ଓ ସମାଜସେବୀ



ବାରିପଦା, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ପଞ୍ଚସଖା ଶିକ୍ଷାସେତୁ ଯୋଜନା ଅନୁଯାୟୀ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ଓ ବଦାନ୍ୟ ବ୍ୟକ୍ତି ଯେତିକି ପରିମାଣର ଅର୍ଥ ଦାନ କରିବେ, ତା'ର ଦୁଇଗୁଣା ସରକାର ପ୍ରଦାନ କରିଥା'ନ୍ତି। ଏହି ଅର୍ଥରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ କରାଯାଇ ସାକାର କରାଯାଇପାରିବ। ଏହି ଧାରାରେ ତତ୍କାଳୀନ ସରକାରଙ୍କ "ମୋ ସ୍କୁଲ ଅଭିଯାନ" ଯୋଜନାରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁନ୍ଦର ବଗିଚା, ଛାତ୍ରଛାତ୍ରୀଙ୍କ ପାଇଁ ବେଞ୍ଚ ଡେସ୍କ, ୧ମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ ଟିଭି, ପାନୀୟଜଳ ବ୍ୟବସ୍ଥା, ପାଠାଗାର ନିର୍ମାଣ କରି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିପାରିଥିଲା। ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ପୂର୍ବତନ ଛାତ୍ର ସଞ୍ଜୟ ପଣ୍ଡା, ସନ୍ତୋଷ ପଟ୍ଟନାୟକ, ଶିକ୍ଷାବିତ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ, ସମାଜସେବୀ ସୁଜିତ ସାହୁଙ୍କ ଦାନ ପ୍ରଶଂସନୀୟ। ପୁଣିଥରେ ପଞ୍ଚସଖା ଶିକ୍ଷା ସେତୁ ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ସମାଜସେବୀ ତଥା ଦ୍ରୌପଦୀ ବସ୍ତ୍ରାଳୟର ମାଲିକ ସୁଜିତ ସାହୁ ୧ ଲକ୍ଷ ଟଙ୍କା, ବିଦ୍ୟାଳୟରେ ଥିବା ହଷ୍ଟେଲର ସାମୟିକ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା ୫, ୮୪୧ ଟଙ୍କା, ପୂର୍ବତନ ଛାତ୍ରୀ ସୁଜାତା ବେହେରା ୧୦ ହଜାର ଟଙ୍କା ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସରକାରଙ୍କ ଅନୁମୋଦନ ପରେ ଯେଉଁ ରାଶି ମିଳିବ ସେଥିରେ ବିଦ୍ୟାଳୟପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ପ୍ରଧାନଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି।

● ପୁଣ୍ୟତିଥିରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା

ଭଦ୍ରକ,୨୪।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ସାହିତ୍ୟର ମହାନ କବି ଓ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଅମର ରଚୟିତା, ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଉପଲକ୍ଷେ ମଙ୍ଗଳବାର ଭଦ୍ରକ ସାଳନ୍ଦୀ ବାଇପାସ୍ ଛକରେ ସ୍ଥାପିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସଂସ୍କୃତି ବିଭାଗ ଅଧିକାରୀ ତନୁଜା ସିର୍କା, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ତ୍ୟାଗଭୂମି ମୁଖ୍ୟ ଅଜ

ଇଂଲଣ୍ଡରେ ମହିଳା ଟି-୨୦ ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫

ଭାରତ-ପାକିସ୍ତାନ ମୁକାବିଲା ଜୁନ୍ ୧୪ରେ

ଦୁବାଇ,୨୪।୨(ଏଜେନ୍ସି)

ମହିଳା କ୍ରିକେଟ ଇତିହାସରେ ସର୍ବବୃହତ୍ ଟି-୨୦ ବିଶ୍ୱକପ୍ ଲାଗି ଆୟୋଜକ ଆଇସିସି ପକ୍ଷରୁ ଖେଳସୂଚୀ ଘୋଷଣା କରାଯାଇଛି । ଇଂଲଣ୍ଡରେ ମହିଳା କ୍ରିକେଟର ଏହି ମେଗା ଇଭେଣ୍ଟ ଜୁନ୍ ୧୨ରୁ ଆରମ୍ଭ ହୋଇ ଜୁଲାଇ ୫ରେ ଶେଷ ହେବ । ଏଥିରେ ପ୍ରଥମଥର ଲାଗି ସର୍ବାଧିକ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଇଂଲଣ୍ଡର ୭ଟି ଗ୍ରାଉଣ୍ଡ ଯଥା ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡ, ହେଡିଂଲେ, ହାମ୍ପସାୟର ବାଉଲ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ, ଏଜ୍‌ବାଷ୍ଟନ, ଦ ଓଭାଲ ଓ ଶେଷରେ ଫାଇନାଲ ମୁକାବିଲା କ୍ରିକେଟର ମକ୍କାଭାବେ ବିବେଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଜୁନ୍ ୧୨ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଏଜ୍‌ବାଷ୍ଟନରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଜୁଲାଇ ୫ରେ ଫାଇନାଲ ମୁକାବିଲା ଜୁଲାଇ ୫ରେ ଖେଳାଯିବ । ଏହା ମଧ୍ୟରେ ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ତାହାର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ସହ ଏଜ୍‌ବାଷ୍ଟନରେ ଜୁନ୍ ୧୪ରେ ଖେଳିବ ।

ଏଥର ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଗତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୮ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ । ଏଥର ଖେଳାଯାଇଥିବା କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରୁ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ପ୍ରଥମଥର ନେଦରଲାଣ୍ଡସ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ, ୬ଥରର ଚାମ୍ପିଅନ ଅଷ୍ଟ୍ରେଲିଆ, ୨୦୧୬ ଚାମ୍ପିଅନ ୱେଷ୍ଟଇଣ୍ଡିଜ୍, ଆୟୋଜକ ଇଂଲଣ୍ଡ, ଦିନିକିଆ ବିଶ୍ୱ ଚାମ୍ପିଅନ ଭାରତ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସକୁ ସ୍ଥାନ ମିଳିଛି । ସେହିପରି ଗ୍ରୁପ-ବି'ରେ ଚାମ୍ପିଅନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡକୁ ସ୍ଥାନ ମିଳିଛି । ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ । ଜୁନ୍ ୩୦ରେ ପ୍ରଥମ ଓ ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଐତିହାସିକ ଲର୍ଡ୍ସ ମଇଦାନରେ ଫାଇନାଲ ମ୍ୟାଚ୍ ଜୁଲାଇ ୫ରେ ଅନୁଷ୍ଠିତ ହେବ ।

ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଯୋଗ ଗୁପ୍ତାଙ୍କ ଅନୁଯାୟୀ ମହିଳା କ୍ରିକେଟରେ ଏହି ଟୁର୍ଣ୍ଣାମେଣ୍ଟ ଏକ ମାଇଲଷ୍ଟୋନ୍ । ଏହି ପ୍ରତିଯୋଗିତା ଫଳରେ ମହିଳା କ୍ରିକେଟର ପ୍ରଚାର ଓ ପ୍ରସାର ହୋଇପାରିବ । ଖେଳ ଓ ଖେଳାଳିଙ୍କର ଉନ୍ନତି ହେବ ବୋଲି ଗୁପ୍ତା କହିଛନ୍ତି । ନିକଟରେ ଶେଷ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ମହିଳା କ୍ରିକେଟକୁ ଭଲ ସଫଳତା ମିଳିଛି । ଏହାକୁ ପ୍ରସାର କରିବାରେ ଆମେ ଯେଉଁ ସ୍ୱପ୍ନ ଦେଖିଛୁ ଓ ଲକ୍ଷ୍ୟ ରଖିଛୁ ତାହାକୁ ପୂରଣ କରିବାରେ ପର୍ଯ୍ୟାୟକ୍ରମେ ସମର୍ଥ ହେଉଛୁ । ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ଆମେ ପରିକଳ୍ପନା କରିଥିବା ସମସ୍ତ ରେକର୍ଡ ଅତିକ୍ରମ କରିଯାଇଥିଲା । ଜୁନ୍ ଓ ଜୁଲାଇରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମଧ୍ୟ ସମାନ ରେକର୍ଡ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ଗ୍ରୁପ୍-ଏ' : ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସ ।

ଗ୍ରୁପ-ବି': ଚାମ୍ପିଅନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡ ।

ଭାରତର ଗ୍ରୁପ୍-ଏ' ଖେଳସୂଚୀ

ତାରିଖ	ପ୍ରତିଦ୍ୱନ୍ଦ୍ୱୀ	ଭେନ୍ୟୁ
୧୪।୬	ପାକିସ୍ତାନ	ଏଜ୍‌ବାଷ୍ଟନ
୧୭।୬	ନେଦରଲାଣ୍ଡସ	ହେଡିଂଲେ
୨୧।୬	ଦକ୍ଷିଣ ଆଫ୍ରିକା	ଓଲ୍ଡ ଟ୍ରାଫୋର୍ଡ
୨୫।୬	ବାଂଲାଦେଶ	ଓଲ୍ଡ ଟ୍ରାଫୋର୍ଡ
୨୮।୬	ଅଷ୍ଟ୍ରେଲିଆ	ଲର୍ଡ୍ସ

ଗ୍ରୁପ-ଏ'ରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି । ପାକିସ୍ତାନ ସହ ଜୁନ୍ ୧୪ରେ, ନେଦରଲାଣ୍ଡସ ସହ ୧୭ରେ, ଦକ୍ଷିଣ ଆଫ୍ରିକା ସହ ୨୧ରେ, ବାଂଲାଦେଶ ସହ ୨୫ରେ ଓ ଅଷ୍ଟ୍ରେଲିଆ ସହ ଜୁନ୍ ୨୮ରେ ଭାରତ ତାହାର ଲିଗ୍ ମ୍ୟାଚ୍ ଖେଳିବ ।

ବେଥ୍ ମୁନୀଙ୍କ ଆଗରେ ଫିକା ପଡ଼ିଲେ ମନ୍ଧାନା-ହରମନ୍‌ପ୍ରୀତ୍

ପ୍ରଥମ ଦିନିକିଆରେ ହାରିଲା ଚାମ୍ପିଅନ ଭାରତ

ବ୍ରିସ୍‌ବେନ୍,୨୪।୨(ଏଜେନ୍ସି): ଦିନିକିଆ ମହିଳା କ୍ରିକେଟରେ ବିଶ୍ୱଚାମ୍ପିଅନ ହେବା ଓ ଦ୍ୱିତୀୟଥର ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟି-୨୦ ସିରିଜ୍ ଜିତିବା ପରେ ଭାରତୀୟ କ୍ରିକେଟ ଦଳ ଖେଳିଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପରାଜିତ ହୋଇଯାଇଛି । ଆଜି ଏଠାରେ ଖେଳାଯାଇଥିବ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ନିକଟରୁ ୭ ୱିକେଟରେ ହାରିଯାଇଛି । ଏହା ଫଳରେ ଚାମ୍ପିଅନ ଭାରତକୁ ଶକ୍ତ ଧକ୍କା ଲାଗିଛି । ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ୭୯ ବଲ୍‌ରେ ୭୬ ରନ୍ କରିଥିବା ବେଥ୍ ମୁନୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଫେବୃଆରୀ ୨୭ ଓ ତୃତୀୟ ମ୍ୟାଚ ମାର୍ଚ୍ଚ ୧ରେ ଖେଳାଯିବ ।

ଆଜିର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୩ ଓଭରରେ ୨୧୪ ରନ୍ କରିଥିଲା । ଦଳ ପକ୍ଷରୁ ଆହତ ପରେ ଫେରିଥିବା ପ୍ରତୀକା ରାୱଲ ୦, ଶେଫାଳି ବର୍ମା ୪ ଓ ଜେମିମା ରୋଡ୍ରିଗ୍ସ ୮ ରନ୍‌ରେ ଆଉଟ ହେବା ଫଳରେ ଭାରତ ୫୨ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା । ଏହି ସମୟରେ ସ୍ମୃତି ମନ୍ଧାନା ୬୮ ବଲ୍‌ରେ ୫୮, ଅଧିନାୟିକା ହରମନ୍‌ପ୍ରୀତ୍ କୌର ୮୪ ବଲ୍‌ରେ ୫୩ ଓ କାଶବି ଗୌତମ ୪୩ ରନ୍ କରିବା ଫଳରେ ଦଳର ସମ୍ମାନ ରହିଥିଲା । ଆଶଲେ ଗାର୍ଡନର ୩ଟି ଓ ମେଗାନ୍ ସ୍କଫ୍ ୨ଟି ୱିକେଟ ନେଇ ପ୍ରତିପକ୍ଷ ଦଳ ପକ୍ଷରୁ ସଫଳ ବୋଲିଂ କରିଥିଲେ । ଜବାବରେ ଜର୍ଜିଆ ଭଲଙ୍କୁ ବାଦ୍‌ଦେଲେ ଅଷ୍ଟ୍ରେଲିଆର ପ୍ରଥମ ୫ଜଣଙ୍କ ମଧ୍ୟରୁ ୪ଜଣ ବ୍ୟାଟର ଭଲ ଖେଳିବା ଫଳରେ ଦଳ ୩୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ନଂ-୪ରେ ଖେଳିଥିବା ବେଥ ମୁନୀ ୭୯ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୭୬, ଓପନର ତଥା ଅଧିନାୟିକା ଆଲିସା ହିଲୀ ୫୦, ନଂ-୨ ଫୋଏବେ ଲିଚ୍‌ଫିଲ୍ଡ ୩୨ ଓ ନଂ-୫ ଆନାବେଲ ସଦରଲାଣ୍ଡ ୪୮ ରନ୍‌ର ଅପରାଜେୟ ଇନିଂସ ଖେଳିଥିଲେ ।

ବାହାରିନରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ବିଜୟୀ ହୋଇ ୬ଷ୍ଠ ଟାଇଟଲ୍ ଜିତିଥିବା ପ୍ରମୋଦ ଭଗତଙ୍କୁ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ଉଚ୍ଛସ୍ୱିତ ସ୍ୱାଗତ କରାଯାଉଛି ।

■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭାରତ ପାଇଁ ବିଜୟ ଦୁଃସ୍ୱପ୍ନ

ହୋବାର୍ଟ, ୨୪।୨ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ବିଜୟ ସ୍ୱପ୍ନ ହୋଇଯାଇଛି । ମଙ୍ଗଳବାର ଏଠାରେ ଖେଳାଯାଇଥିବା ସ୍ପେନ ବିପକ୍ଷ ମୁକାବିଲାକୁ ଭାରତୀୟ ଦଳ ସୁଟ୍‌ଆଉଟ୍‌ରେ ୩-୪ ଗୋଲ୍‌ରେ ହାରିଯାଇଛି । ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଫଳରେ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ଭାରତ ପକ୍ଷରୁ ମନିନ୍ଦର ସିଂହ ୧୮ତମ ମିନିଟ୍‌ରେ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ତେବେ ମ୍ୟାଚ୍ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ଥିବାବେଳେ ସ୍ପେନର ବ୍ରୁନୋ ଫଣ୍ଟ (୫୯ତମ ମିନିଟ) ଏହି ଗୋଲ୍‌ଟି ଶୁଝି ଦେଇଥିଲେ । ଫଳରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏଥିରେ ସ୍ପେନ ୪-୩ ଗୋଲରେ ବାଜିମାତ୍ କରିନେଇଥିଲା । ଏହି ମ୍ୟାଚ୍ ଖେଳି ଭାରତର ଜରମନପ୍ରୀତ୍ ସିଂହ ଅନ୍ତର୍ଜାତୀୟ ହକିରେ ୧୫୦ତମ ମ୍ୟାଚ୍ ମାଇଲଖୁଣ୍ଟ ଛୁଇଁଛନ୍ତି । ଚଳିତ ପ୍ରୋ ଲିଗ୍‌ରେ ଭାରତ ୭ଟି ମ୍ୟାଚରୁ ୫ ପରାଜୟ ଓ ୨ଟି ସୁଟ୍‌ଆଉଟ୍ ପରାଜୟ ସହ ୯ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୮ମ ସ୍ଥାନରେ ରହିଛି । ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ଭେଟିବ । ଉଲ୍ଲେଖଯୋଗ୍ୟ, ରାଉରକେଲା ଲେଗ୍‌ରେ ଭାରତ ୪ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇଥିଲେ ।

୨୨ ବର୍ଷ ପରେ ଅନୁତାପ କଲେ ବକନର୍

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ୱେଷ୍ଟଇଣ୍ଡିଜର ଭେଟେରାନ ଅମ୍ପାୟାର ଷ୍ଟିଭ ବକନର ୨୨ ବର୍ଷ ପରେ ସଚିନ ତେନ୍ଦୁଲକରଙ୍କୁ ଦେଇଥିବା ଆଉଟ୍ ଲାଗି ଅନୁତାପ କରିଛନ୍ତି । ୨୦୦୪ରେ ଗାବ୍ବାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ସଚିନଙ୍କୁ ବକନର୍ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେଇଥିଲେ । ଏହା ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ୭୯ ବର୍ଷୀୟ ବକନର ଏବେ ସ୍ୱୀକାର କରିଛନ୍ତି । ୱେଷ୍ଟଇଣ୍ଡିଜ କ୍ରିକେଟ୍ ଅମ୍ପାୟାର ସଂଘର ଏକ କାର୍ଯ୍ୟକ୍ରମରେ ବକନର୍ କହିଛନ୍ତି, 'ସଚିନଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେବା ଏବଂ ପରେ ଜାଣିଲି ଯେ ଏହା ଏକ ଭୁଲ ନିଷ୍ପତ୍ତି ଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଲୋକ ଏହା ଉପରେ ଆଲୋଚନା କରୁଛନ୍ତି । ମୁଁ ତାଙ୍କୁ କାହିଁକି ଆଉଟ୍ ଦେଲି? ସେ କ'ଣ ଆଉଟ୍ ଥିଲେ । କିନ୍ତୁ ଜୀବନରେ ଭୁଲ ହୋଇଥାଏ । ମୁଁ ଏହାକୁ ଗ୍ରହଣ କରୁଛି ଯେ ଏହା ଏକ ଭୁଲ ନିଷ୍ପତ୍ତି ଥିଲା' ବୋଲି ବକନର ଏହି ଅବସରରେ କହିଥିଲେ । ୨୦୦୪ରେ ଗାବ୍ବାରେ ଖେଳାଯାଇଥିବା ଏହି ମ୍ୟାଚରେ ସଚିନ ମାତ୍ର ୩ଟି ବଲ୍ ଖେଳି ବକନରଙ୍କ ଭୁଲ ନିଷ୍ପତ୍ତିର ଶିକାର ହୋଇଥିଲେ । ଜାସନ ଗିଲେସ୍ପିଙ୍କ ଏହି ବଲ୍ ଅଫ୍-ଷ୍ଟମ୍ପ୍ ବାହାରେ ପିଚ୍ ହୋଇଥିବାବେଳେ ସଚିନ ଏହାକୁ ଖେଳିବାକୁ ଯାଇ ୱିକେଟକିପରଙ୍କ ନିକଟକୁ ଛାଡ଼ି ଦେଇଥିଲେ । ତେବେ ବଲ୍ ସଚିନଙ୍କ ଥାଇପ୍ୟାଡ୍‌ରେ ବାଜିଥିଲା । ଫଳରେ ଗିଲେସ୍ପି, ୱିକେଟକିପର ଆଦାମ ଗିଲକ୍ରୀଷ୍ଟ ଓ ଅନ୍ୟ ଫିଲ୍ଡରମାନେ ଜୋରଦାର ଅପିଲ୍ କରିଥିଲେ । ବକନର ମଧ୍ୟ ସଙ୍ଗେ ସଙ୍ଗେ ଏହାକୁ ଏଲ୍‌ବିଡବ୍ଲ୍ୟୁ ବୋଲି ଆଉଟ୍ ଦେଇଥିଲେ । ତେବେ ରି-ପ୍ଲେ'ରେ ବଲ୍ ଷ୍ଟମ୍ପର ବହୁ ଉପରେ ଯାଉଥିବା ଜଣାପଡ଼ିଥିଲା । ସେ ସମୟରେ ଭାଷ୍ୟକାର ଭୂମିକାରେ ଥିବା ଟୋନୀ ଗ୍ରେଗ ଏହାକୁ 'ଭୟଙ୍କର ନିଷ୍ପତ୍ତି' ବୋଲି କହିଥିଲେ ।

ସେମିଫାଇନାଲ ଲାଗି ଯୋଗ୍ୟତା

ଭାରତକୁ ଶେଷ ୨ଟି ମ୍ୟାଚ୍ ଜିତିବାକୁ ହେବ

ନୂଆଦିଲ୍ଲୀ,୨୪।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସୁପର ଏଇଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଠାରୁ ୭୬ ରନ୍‌ରେ ଭାରତ ହାରିବା ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୧୦୭ ରନ୍‌ରେ ଜିମ୍ବାୱେକୁ ହରାଇଛି । ଏହି ମ୍ୟାଚ୍ ଦୁଇଟିର ଫଳାଫଳ ପରେ ଭାରତର ସେମିଫାଇନାଲ ଖେଳିବା ଆଶା କଷ୍ଟକର ହୋଇପଡ଼ିଛି । ଅବଶ୍ୟ ଗ୍ରୁପ୍‌ରେ ପ୍ରତ୍ୟେକ ଦଳ ଆଉ ୨ଟି ଲେଖାଏଁ ସୁପର ଏଇଟ୍ ଲିଗ୍ ମ୍ୟାଚ୍ ଖେଳିବାକୁ ବାକି ରହିଛି । ଏହା ମଧ୍ୟରୁ ଭାରତ ଯଦି ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବ । ଯଦି ବଡ ବ୍ୟବଧାନରେ ବିଜୟୀ ହୁଏ, ତେବେ ଦଳ ସେମିଫାଇନାଲ ଖେଳିବା ନିଶ୍ଚିତ ହେବ । ଏଭଳି ସ୍ଥିତିରେ ଭାରତ ଫେବୃଆରୀ ୨୬ରେ ଜିମ୍ବାୱେ ଓ ମାର୍ଚ୍ଚ ୧ରେ ୱେଷ୍ଟଇଣ୍ଡିଜ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟ ଦଳଗୁଡ଼ିକର ଫଳାଫଳ ଯାହା ହେଉନା କାହିଁକି ଭାରତକୁ ସେମିଫାଇନାଲ ଦୌଡ଼ରେ ରହିବାକୁ ହେଲେ ଏହି ମ୍ୟାଚ୍ ଦୁଇଟିରେ ଜିତିବାକୁ ହେବ । ଗୋଟିଏ ମ୍ୟାଚ୍‌ରେ ପରାଜୟ ଅର୍ଥ ସୁପର ଏଇଟ୍‌ରୁ ବିଦା ହେବା ।

ପ୍ରଥମେ ଦକ୍ଷିଣ ଆଫ୍ରିକା ଯଦି ତାହାର ଅବଶିଷ୍ଟ ୨ଟି ଓ ଭାରତ ମଧ୍ୟ ୨ଟି ମ୍ୟାଚ୍‌ରେ ବିଜୟୀ ହୁଅନ୍ତି, ତେବେ ଉଭୟ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ । ଦ୍ୱିତୀୟରେ ଦକ୍ଷିଣ ଆଫ୍ରିକା ଯଦି ୱେଷ୍ଟଇଣ୍ଡିଜ୍ ନିକଟରୁ ପରାଜିତ ହୁଏ ଏବଂ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ବିଜୟୀ ହୁଏ, ତେବେ ୩ଟି ଦଳର ପଏଣ୍ଟ ସଂଖ୍ୟା ସମାନ ହେବ । ଏହା ପରେ ନେଟ ରନ୍‌ରେଟ୍ ହିସାବକୁ ନିଆଯିବ । ଏଥିରେ ଯେଉଁ ଦୁଇ ଦଳର ନେଟ୍ ରନ୍ ଅଧିକ ରହିବ, ସେହି ଦଳ ସେମିଫାଇନାଲ ଖେଳିବେ । ଏହି ସମୀକରଣରେ ଜିମ୍ବାୱେକୁ ସମସ୍ତ ମ୍ୟାଚ୍‌ରେ ହାରିବାକୁ ହେବ । ଜିମ୍ବାୱେ ଯଦି ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ ସମସ୍ତ ସମୀକରଣ ଓଲଟ ପାଲଟ ହୋଇଯିବ । ସୁପର ଏଇଟ୍ ଗ୍ରୁପ୍-୧'ରେ ୨ଟି ମ୍ୟାଚ୍ ପରେ ୱେଷ୍ଟଇଣ୍ଡିଜ୍‌ର ନେଟ ରନ୍ +୫.୩୫୦, ଦକ୍ଷିଣ ଆଫ୍ରିକାର +୩.୮୦୦ ଓ ଭାରତର -୩.୮୦୦ ରହିଛି । ଏଣୁ ଭାରତକୁ ସେମିରେ ପ୍ରବେଶ କରିବାକୁ ହେଲେ ଖାଲି ବିଜୟ ନୁହେଁ, ବଡ଼ ବ୍ୟବଧାନରେ ବିଜୟୀ ହେବାକୁ ପଡ଼ିବ । ମାତ୍ର ୨ ମାସ ତଳେ ଦଳର ବିସ୍ଫୋରକ ବ୍ୟାଟିଂ ଲାଗି ଅପରାଜେୟ ମନେ ହେଉଥିବା ଭାରତ ଗୋଟିଏ ମ୍ୟାଚ ହାରିଯିବା ପରେ ଏବେ ସେମିଫାଇନାଲ ଯିବାକୁ ସଂଘର୍ଷ କରୁଛି । ଏଭଳି ଦଳଠାରୁ ଆଉ ଅଧିକ କିଛି ଆଶା କରାଯାଉନାହିଁ ।

ଗ୍ରୁପ-୧ ପଏଣ୍ଟ ଟେବୁଲ

ଟିମ୍	ମ୍ୟା.	ବି.	ପ.	ପଏଣ୍ଟ	ନେଟ୍‌ରନ୍
ୱେଷ୍ଟଇଣ୍ଡିଜ୍	୧	୧	୦	୨	+୫.୩୫୦
ଦ.ଆଫ୍ରିକା	୧	୧	୦	୨	+୩.୮୦୦
ଭାରତ	୧	୦	୧	୦	-୩.୮୦୦
ଜିମ୍ବାୱେ	୧	୦	୧	୦	-୫.୩୫୦

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ

ପାଲେକେଲେ ସ୍ପିନ ପିଚରେ ପାକ୍ ବ୍ୟାଟରଙ୍କ ସଂଘର୍ଷ

ପାଲେକେଲେ, ୨୪।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ଏକ ସୁପର୍ ଏଇଟ୍ ମୁକାବିଲାରେ ମଙ୍ଗଳବାର ପାକିସ୍ତାନ ଓ ଇଂଲଣ୍ଡ ସାମ୍ନାସାମ୍ନି ହୋଇଛନ୍ତି । ଶ୍ରୀଲଙ୍କାର ପାଲେକେଲେର ସ୍ପିନ ପିଚରେ ଅନୁଷ୍ଠିତ ଏହି ମ୍ୟାଚରେ ପୁଣିଥରେ ବ୍ୟାଟର୍ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଛି । ଏହି ମ୍ୟାଚରେ ଟସ୍ ଜିତିବା ପରେ ପାକିସ୍ତାନ ଅଧିନାୟକ ସଲମାନ ଆଘା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଚଳିତ ବିଶ୍ୱକପ୍‌ରେ ଏଠାରେ ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ୫ଟି ମ୍ୟାଚ ମଧ୍ୟରୁ ପ୍ରଥମଥର କୌଣସି ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଦଳ ପାୱାର ପ୍ଲେ ମଧ୍ୟରେ ଓପନର୍ ସଇମ ଆୟୁବ ଓ ଅଧିନାୟକ ସଲମାନଙ୍କ ୱିକେଟ୍ ହରାଇଥିଲା । ୭ଟି ବଲରେ ୭ ରନ କରିଥିବାବେଳେ ଆୟୁବ ପ୍ରତିପକ୍ଷ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଶିକାର ବନିଥିଲେ । ଏହାପରେ ଆଘା ମଧ୍ୟ ୫ ରନ କରି ଲିଆମ ଡସନଙ୍କ ବଲରେ ଆଉଟ୍ ହୋଇଥିଲେ । ତେବେ ଅନ୍ୟତମ ଇନଫର୍ମ ଓପନର ଶାହିବଜାଦ୍ ଫରହାନ ଅର୍ଦ୍ଧଶତକୀୟ ପାଳି ଖେଳି ପାକିସ୍ତାନର ସମ୍ମାନ ରଖିଥିଲେ । ଶେଷ ଖବର ସୁଦ୍ଧା